


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୬ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 AUGUST 2020

Vol.No. 30 ■ No. 215 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,





Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


# ୱେଲମାର୍କ ଲୋ-ପ୍ରେସରରେ ପରିଣତ ହେଲା ଲଘୁଚାପ

## ୪୮ ଘଂଟା ପର୍ଯ୍ୟନ୍ତ ରାଜ୍ୟ ତମାମ ବର୍ଷିବ



ଭୁବନେଶ୍ୱର,୨୫।୮ (ନି.ପ୍ର): ବଙ୍ଗୋପସାଗରର ଉତର ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତମାନ ଏକ ୱେଲମାର୍କ ଲୋ-ପ୍ରେସର'ରେ ପରିଣତ ହୋଇଛି । ଏହାର ପ୍ରଭାବରେ ପ୍ରାୟ ସାରା ରାଜ୍ୟରେ ଆସନ୍ତା ୪୮ ଘଂଟା ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ରହିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଂଟା ମଧରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣି ଜାରି କରାଯାଇଛି । ସେହିପରି ପୁରୀ, ଖୋର୍ଦ୍ଧା, ଅନୁଗୁଳ, ଦେବଗଡ, ସୁନ୍ଦରଗଡ, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଏବଂ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣି ଜାରି କରାଯାଇଛି । ଏଥିସହ ଝାରସୁଗୁଡା, ବରଗଡ, ନୟାଗଡ଼, ଗଞ୍ଜାମ, ନୂଆପଡା, ନବରଙ୍ଗପୁର, ମାଲକାନଗିରି, ଏବଂ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ଯେଲୋ ୱାର୍ଣ୍ଣି ଜାରି କରାଯାଇଛି । ସେହିପରି ୨୭ ତାରିଖ ସନ୍ଧ୍ୟା ସୁଦ୍ଧା ସମ୍ବଲପୁର, ସୋନପୁର, ବରଗଡ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ସୁନ୍ଦରଗଡ, ଏବଂ ଦେବଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣି ଜାରି କରାଯାଇଛି । ସେହିପରି ନବରଙ୍ଗପୁର, ଅନୁଗୁଳ, ନୂଆପଡା, ଢେଙ୍କାନାଳ, ମୟୂରଭଞ୍ଜ, କନ୍ଧମାଳ ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତର ସମ୍ଭାବନା ରହଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣି ଏବଂ ବାଲେଶ୍ୱର, ମାଲକାନଗିରି, କୋରାପୁଟ, କଟକ ଏବଂ ଯାଜପୁର ଜିଲ୍ଲା ପାଇଁ ଯେଲୋ ୱାର୍ଣ୍ଣି ଜାରି କରାଯାଇଛି । ୱାର୍ଣ୍ଣି ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସମ୍ଭାବ୍ୟ ବାତ୍ୟା ଏବଂ ପାହାଡିଆ ଅଂଚଳରେ ଲ୍ୟାଣ୍ଡ ସ୍ଲାଇଡିଂ ସମ୍ଭାବନା ଥିବାରୁ ସତର୍କ ରହିବାକୁ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

# ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଯୁକ୍ତ ୨ କଳା ରେଜଲ୍ଟ

ଭୁବନେଶ୍ୱର,୨୫।୮ (ନି.ପ୍ର): ସେପ୍ଟେମ୍ବର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ଯୁକ୍ତ ୨ କଳା ବିଭାଗ ପରୀକ୍ଷା ଫଳ ।ଏଥି ସହ ଧନ୍ଦାମୂଳକ ପରୀକ୍ଷା ଫଳ ମଧ୍ୟ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ । ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି । ପୂର୍ବରୁ ଅଗଷ୍ଟ ମାସ ଶେଷ ସପ୍ତାହରେ କଳା ରେଜଲ୍ଟ ପ୍ରକାଶ ପାଇବ ବୋଲି ଘୋଷଣା କରାଯାଇଥିଲା । ତେବେ ସିଏଚଏସଇର ଦୁଇଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପରୀକ୍ଷା ଫଳ ଘୋଷଣା ଘୁଂଚାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପରୀକ୍ଷାଫଳ ପ୍ରକାଶ ପାଇସାରିଛି । ପୂର୍ବବର୍ଷଗୁଡ଼ିକ ପରି ଏଥର ମଧ ପରୀକ୍ଷାଫଳ ପୁସ୍ତିକା ପ୍ରକାଶ ପାଇ ନାହିଁ । କେବଳ ଅନଲାଇନ୍ ରେ ରେଜଲ୍ଟ ଦେଖିହେଉଛି ।

# ରାଜ୍ୟରେ ଆଉ ୯ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୪୨୮ ହେଲା

ଭୁବନେଶ୍ୱର,୨୫।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୯ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪୨୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଓ ସୁନ୍ଦରଗଡ ଜିଲ୍ଲାରୁ ୨-୨ ଜଣ ହୋଇଥିବା ବେଳେ ଖୋର୍ଦ୍ଧା,ବାଲେଶ୍ୱର, ବଲାଙ୍ଗୀର, କଟକ ଓ ଗଜପତି ଜିଲ୍ଲାରୁ ଜଣେ ଜଣେ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ବଲାଙ୍ଗୀର ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୩୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସେହିପରି ଗଜପତି ଜିଲ୍ଲାର ଜଣେ ଜଣେ ୫୬ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗଂଜାମ ଜିଲ୍ଲାର ଜଣେ ୭୩ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ▶▶ପୃଷ୍ଠା ୭

# କରୋନା ପରୀକ୍ଷଣ ଦର ହ୍ରାସ କଲେ ରାଜ୍ୟ ସରକାର




ଭୁବନେଶ୍ୱର, ୨୫ ଅଗଷ୍ଟ - ଘରୋଇ ପରୀକ୍ଷାଗାରରେ ହେଉଥିବା କରୋନା ଆରଟି-ପିସିଆର ପରୀକ୍ଷଣର ଦରକୁ ୧୨ଶହ ଟଙ୍କାକୁ ହ୍ରାସ କରିଛନ୍ତି ଓଡ଼ିଶା ସରକାର । ପୂର୍ବରୁ ଏହି ଦର ୨୨ ଶହ ଟଙ୍କା ଥିଲା । ଏ ସଂପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ତେବେ ଏହି ସୁବିଧା କେବଳ ଭୁବନେଶ୍ୱରସ୍ଥିତ ୪ଟି ଘରୋଇ ପରୀକ୍ଷାଗାରଯଥା ଆପୋଲୋ ହସପିଟାଲ, ସମ ହସପିଟାଲ, ଜେନେକ୍ସ, କିଟ୍ ପରିସରରେ ଥିବା ଇନଡିଏନଏ ଲାଇଫ ସାଇନ୍ସେସ୍‌ରେ ଉପଲବ୍ଧ ହୋଇପାରିବ । ଘରୋଇ ପରୀକ୍ଷାଗାରରେ କରୋନା ପରୀକ୍ଷା ଆଇଏମଆରସି ତତ୍ୱବଧାନରେ କରାଯିବଏବଂ ଆଇସିଏମଆର ଦ୍ୱାରା ଧାର୍ଯ୍ୟ ଆରଟିପିସିଆର ଗାଇଡଲାଇନ ପାଳନ ପୂର୍ବକ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଚଳିତ ମାସ ପ୍ରାରମ୍ଭରେ ସ୍ୱୀକୃତିପ୍ରାପ୍ତ ଘରୋଇ ଲାବରେ ଆଂଟିଜେନ ଓ ଆରଟିପିସିଆର ପରୀକ୍ଷା କରିବାକୁ ରାଜ୍ୟ ସରକାର ଅନୁମତି ଦେଇଥିଲେ । ଆଂଟିଜେନ ପରୀକ୍ଷା ପାଇଁ ରାଜ୍ୟ ସରକାର ୪୫୦ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି ।

# ଜଗନ୍ନାଥଙ୍କ ଜମି ବିକ୍ରିକୁ ନେଇ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଲେ ନିରଞ୍ଜନ ପଟ୍ଟନାୟକ



ଭୁବନେଶ୍ୱର,୨୫।୮ (ନି.ପ୍ର): ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରିକୁ ନେଇ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଛନ୍ତି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାର ଦୀର୍ଘ ୨୦ବର୍ଷ ହେଲା କେତେବେଳେ ବିଜେପିପାର୍ଟି ସହିତ ଓ କେତେବେଳେ ନିଜସ୍ୱ କ୍ଷମତାରେ ପୂର୍ଣ୍ଣ ବହୁମତିରେ ଶାସନ କରିଛି । ଓଡ଼ିଶାର ଲକ୍ଷ ଲକ୍ଷ କୋଟି ଟଙ୍କାର ଦୁର୍ନୀତିରେ ଲିପ୍ତ ଏ ସରକାର କୋଟି ହୃଦୟର ଦେବତା ▶▶ପୃଷ୍ଠା ୭

## ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

# ୨୦୨୨ ସୁଦ୍ଧା ସବୁ ଗରିବ ପରିବାର ପାଇଁ ଘର ଯୋଗାଇଦେବା ମୋଦି ସରକାରଙ୍କ ଲକ୍ଷ୍ୟ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର, ଅଗଷ୍ଟ ୨୫ – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମତରେ "ଘର କେବଳ ଚାରି କାନ୍ଥକୁ ନେଇ ନୁହେଁ । ଏହା ଲୋକଙ୍କ ପାଇଁ ସୁଖ ସୁବିଧା ଓ ସମ୍ମାନର ଉପଲବ୍ଧି । ଯେଉଁଠାରେ ସ୍ୱପ୍ନକୁ ନୂଆ ରୂପ ମିଳେ ଓ ଆକାଂକ୍ଷାକୁ ନୂଆ ଉନ୍ମାଦନା ମିଳେ" । ପ୍ରଧାନମନ୍ତ୍ରୀଙ୍କ ଏହି ଦୂରଦୃଷ୍ଟିକୁ ମାଗଦର୍ଶକ ଭାବେ ଗ୍ରହଣ କରି ସମସ୍ତଙ୍କୁ ଘର ଯୋଗାଇବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ୨୦୨୨ ସୁଦ୍ଧା ସମସ୍ତ ଗରିବ ପରିବାର ପାଇଁ ଘର ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି । ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାରେ ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଘର ନିର୍ମାଣ ଗରିବଙ୍କ ଜୀବନରେ ପରିବର୍ତନ ଆଣିବା ସହ ସେମାନଙ୍କୁ ଖୁସି ଦେଇଛି । ବିଶେଷ ଭାବରେ ରାଜ୍ୟର ଅସହାୟଙ୍କ ପାଇଁ ସୁଲଭ ଘର ନିର୍ମାଣ ବାସ୍ତବରେ ପରିଣତ ହୋଇଛି ଏବଂ ଓଡ଼ିଶାର ଗ୍ରାମାଂଚଳରେ ବ୍ୟାପକ ପରିବର୍ତନର ଛବି ହେଉଛି ଏହାର ପ୍ରମାଣ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପକ୍କା ଘର କେବଳ ଲୋକଙ୍କ ସ୍ୱପ୍ନକୁ ପୂରଣ କରିନାହିଁ ବରଂ ଏହା ସରକାରଙ୍କ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଅଧୀନରେ ଗ୍ୟାସ ସିଲିଣ୍ଡର, ଘରକୁ ବିଜୁଳି, ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ ଭଳି ଅନେକ ଜନକଲ୍ୟାଣ ପଦକ୍ଷେପକୁ ସୁନିଶ୍ଚିତ କରୁଛି । ସ୍ୱଚ୍ଛ ଭାରତ ଅଧୀନରେ ଓଡ଼ିଶାରେ ୭୭.୧୪ ଲକ୍ଷ ଘର ପାଇଁ ଶୌଚାଳୟର ବ୍ୟବସ୍ଥା କରାଯାଇଛି । ସ୍ୱଚ୍ଛ ଭାରତ ମିଶନରେ ଓଡ଼ିଶାର ସମସ୍ତ ୧୧୪ ପୌର ସଂସ୍ଥାକୁ ଖୋଲା ମଳତ୍ୟାଗ ମୁକ୍ତ ସହର (ଓଡ଼ିଏଫ) ରୂପେ ଘୋଷଣା କରାଯିବା ଆନନ୍ଦର ବିଷୟ । ଶ୍ରୀ ପ୍ରଧାନ କହିଛନ୍ତି ବିଶେଷତଃ ଗରିବ ଏବଂ ଅସହାୟ ବ୍ୟକ୍ତିଙ୍କ ଜୀବନଶୈଳିରେ ଉନ୍ନତି ଆଣିବା ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି । ୨୦୧୯-୨୦ ଆର୍ଥିକ ବର୍ଷରେ ଓଡ଼ିଶାକୁ ୩୪୨.୮୨ କୋଟିର କେନ୍ଦ୍ରୀୟ ସହାୟତା ମଞ୍ଜୁର କରାଯାଇ ନାଗରିକଙ୍କ ସୁବିଧାକୁ ସୁଦୃଢ଼ କରାଯିବା ସହ ଅମୃତ ଯୋଜନା ଅଧୀନରେ ସହରାଂଚଳର ପୁନଃଉଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯାଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ୧ ଲକ୍ଷରୁ କମ୍ ବାସ କରୁଥିବା ▶▶ପୃଷ୍ଠା ୭

# ଭୁବନେଶ୍ୱରରେ ଆଉ ୩୩୨ ପଜିଟିଭ୍

ଭୁବନେଶ୍ୱର,୨୫।୮ (ନି.ପ୍ର): ଭୁବନେଶ୍ୱରରୁ ମଙ୍ଗଳବାର ମୋଟ୍ ୩୩୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରେ ସଂଗରୋଧରୁ ୧୭୩ ଜଣ ଓ ସ୍ଥାନୀୟ ଅଂଚଳରୁ ୧୫୯ ଜଣ ଅଛନ୍ତି । ସଂଗରୋଧରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧରେ ଜଣଙ୍କର ଯାତ୍ରା ବିବରଣୀ ଥିବା ବେଳେ ଅନ୍ୟମାନେ ପୂର୍ବରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି । ଏଥି ସହିତ ଏପର୍ଯ୍ୟନ୍ତ ମୋଟ୍ ୭୯୩୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିରୁ ୪୭୨୬ ଜଣ ସୁସ୍ଥ ହୋଇଥିବା ବେଳେ ୩୧୬୨ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି । ୩୪ ଜଣଙ୍କର ମୃତ୍ୟୁ ହୋଇଛି । ▶▶ପୃଷ୍ଠା ୭


# ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ପରିବର୍ତ୍ତନ ନାହିଁ



ନୂଆଦିଲ୍ଲୀ,୨୫।୮ (ନି.ପ୍ର): ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟ ସ୍ଥିତିରେ ଗତ କାଲି ଠାରୁ କୌଣସି ପରିବର୍ତନ ହୋଇ ନାହିଁ । ଆର୍ମୀ ହସପିଟାଲ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ସେ ବର୍ତମାନ ମଧ୍ୟ ଭେଂଟିଲେଟର ସପର୍ଟ ସିଷ୍ଟମରେ ଅଛନ୍ତି ଏ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପାରାମିଟର ଗୁଡିକ ସ୍ଥିର ରହିଥିବା ପ୍ରକାଶ କରା ଯାଇଛି ।

# କରୋନାରେ କ୍ଷତିଗ୍ରସ୍ତ ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ପାଇଁ ପ୍ୟାକେଜ୍ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

## ଗରିବ , ଅତି ଗରିବ , ପ୍ରବାସୀ କୁଶଳୀ ଓ ଅର୍ଦ୍ଧକୁଶଳୀଙ୍କ ପାଇଁ ୧ ଲକ୍ଷ ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା



ଭୁବନେଶ୍ୱର,୨୫।୮ (ନି.ପ୍ର): କରୋନା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମାଂଚଳ ଜୀବନ ଜୀବିକାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ-୧୯ ସହାୟତା ପ୍ୟାକେଜକୁ ଅନୁମୋଦନ କରିଛନ୍ତି । ଏହା ମଧ୍ୟରେ ଚାରୋଟି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ରହିଛି । ଏହା ଦ୍ୱାରା ଗ୍ରାମୀଣ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ କୁଶଳୀ ଓ ଅର୍ଦ୍ଧକୁଶଳୀ ପ୍ରବାସୀ ଫେରନ୍ତା, କୃଷି ଏବଂ ଅଣ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଉତ୍ପାଦକ ତଥା ଉଦ୍ୟୋଗଗୋଷ୍ଠୀମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ । ପ୍ୟାକେଜ-୧ ରେ ଗ୍ରାମୀଣ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗର ବିକାଶ ପାଇଁ ପ୍ରତ୍ୟେକ ଉଦ୍ୟୋଗୀଙ୍କୁ ୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଏକକାଳୀନ ଋଣ ପ୍ରଦାନ କରାଯିବ । ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ପରିବାରର ସଦସ୍ୟ କୃଷି ଏବଂ ଅଣ କୃଷି ଉଦ୍ୟୋଗର ବିକାଶ ନିମନ୍ତେ ଏହି ଋଣ ନେଇ ପାରିବେ । ସେହିପରି ଦ୍ୱିତୀୟ ପ୍ୟାକେଜରେ କୃଷି ଏବଂ ଅଣ କୃଷିକ୍ଷେତ୍ରରେ ନିୟୋଜିତ ଥିବା ବ୍ୟକ୍ତିଙ୍କୁ ନେଇ ଗଠିତ ଉଦ୍ୟୋଗ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ଏକକାଳୀନ ୧,୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ । ୬ମାସରୁ ଉର୍ଦ୍ଧ୍ୱ ଉଦ୍ୟୋଗ ଗୋଷ୍ଠୀ ଏବଂ ଏକ ବର୍ଷରୁ ଉର୍ଦ୍ଧ୍ୱ ▶▶ପୃଷ୍ଠା ୭

# କର୍ଣ୍ଣାଟକର ପିସିସି ସଭାପତି ଡି ଶିବକୁମାର କରୋନା ଆକ୍ରାନ୍ତ

ବେଙ୍ଗାଲୁରୁ,୨୫।୮ (ନି.ପ୍ର): କର୍ଣାଟକର ପିସିସି ସଭାପତି ଡି ଶିବକୁମାର କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ସେ ପରୀକ୍ଷା କରାଇବା ପରେ ତାଙ୍କର ରିପୋର୍ଟ ପଜିଟିଭ ଆସିଛି ସେ ଭଲ ଅଛନ୍ତି ତେବେ ଡାକ୍ତର ମାନଙ୍କର ପରାମର୍ଶ କ୍ରମେ ଘରୋଇ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ତାଙ୍କ ସହ ସମ୍ପର୍କରେ ଆସିଥିବା ସମସ୍ତଙ୍କୁ ସେ ପରୀକ୍ଷା କରାଇବା ପାଇଁ ଅନୁରୋଧ କରିଛନ୍ତି ।

# ପିଏମ୍ ଆବାସ ନିର୍ମାଣରେ କେବଳ କାଗଜ ପତ୍ରରେ ଓଡିଶା ସରକାର ଏକ ନମ୍ବର: ବିଜେପି

ଭୁବନେଶ୍ୱର,୨୫।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଭଷ୍ଟାଚାର ମାଧମରେ ଭଣ୍ଡୁର କରିବା ପାଇଁ ସମସ୍ତ ପ୍ରକାର ଷଡଯନ୍ତ କରୁଛନ୍ତି ରାଜ୍ୟସରକାର । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପିଠାଗୋଲା ପଂଚାୟତ ଖରବା ଗାଁ ରେ୧୩ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ ବା ପି.ଭି.ଟି.ଜି ଅନ୍ତର୍ଭୁକ୍ତ କୁଆଙ୍ଗ ଜନଜାତି ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଦତ ଅର୍ଥରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଛି । ଏନେଇ ବିଜେପି ପକ୍ଷରୁ ସରଜମିନ ତଦନ୍ତ ପରେ ବାସ୍ତବ ସ୍ଥିତିର ତଥ୍ୟ ପ୍ରମାଣ ରଖାଯାଇଥିବାବେଳେ ଶାସକ ଦଳର ମୁଖପାତ୍ର ଏ ପ୍ରସଙ୍ଗରେ କିଛି ନକହି କେନ୍ଦ୍ର ସରକାର ଆମକୁ ପୁରସ୍କାର ଦେବା କହି ନିଜ ପିଠି ନିଜେ ଥାପୁଡାଇ ଓଡିଶାବାସୀଙ୍କୁ ପୁଣିଥରେ ଭ୍ରମିତ କରିଛନ୍ତି । ଯଦି ସତସାହାସ ଅଛି ତେବେ ଆମେ ପଚାରିଥିବା ପ୍ରଶ୍ନ ତଥା କୁଆଙ୍ଗ ଜନଜାତିଙ୍କୁ ଘର କରାଇଦେବା ନାଁ ରେ କୋଟି କୋଟି ଟଙ୍କା ହଡପ ଘଟଣାକୁ ମିଥ୍ୟା ବୋଲି ପ୍ରମାଣ କରନ୍ତୁ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ▶▶ପୃଷ୍ଠା ୭

# ସମ୍ମାନଜନକ ଡିଜେନ ପୁରସ୍କାର ପାଇଁ ମନୋନୀତ ହେଲା ଓଡିଶାର କୃଷି ଭବନ

ଭୁବନେଶ୍ୱର,୨୫।୮ (ନି.ପ୍ର): ଭୁବନେଶ୍ୱର ସ୍ଥିତ କୃଷିଭବନ ଚଳିତ ବର୍ଷ ବିଶ୍ୱର ସମ୍ମାନଜନକ ଡିଜେନ ପୁରସ୍କାର ୨୦୨୦ ପାଇଁ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛି । ଡିଜେନ ପତ୍ରିକା ଦ୍ୱାରା ଦିଆଯାଉଥିବା ଏହି ପୁରସ୍କାର ରେ କୃଷି ଭବନ ଆର୍କିଟେକଚର ବର୍ଗ ଅନ୍ତର୍ଗତ ସିଭିକ ବିଲଡିଂ (ସର୍ବସାଧାରଣ ଅଟ୍ଟାଳିକା) ଉପବର୍ଗରେ ସ୍ଥାନ ପାଇଛି । ପ୍ରାୟ ୧.୩ ଲକ୍ଷ ବର୍ଗ ଫୁଟ ପରିମିତ ସ୍ଥାନରେ ନିର୍ମିତ ଏହି କୃଷିଭବନକୁ ଦିଲ୍ଲୀର ଷ୍ଟୁଡିଓ ଲୋଟସ ପକ୍ଷରୁ ଡିଜାଇନ କରାଯାଇଛି । ଏହାର ଡିଜାଇନରେ ଓଡ଼ିଶାର କଳାକୁ ପ୍ରଦର୍ଶିତ କରାଯାଇଛି । ୨୦୧୩ରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଗତ ୨୦୧୮ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା । ଏଥିପାଇଁ ୭୦ କୋଟି ଟଙ୍କା ବ୍ୟୟ କରାଯାଇଥିଲା । ଓଡ଼ିଶାର କୃଷିବିଭାଗ ପାଇଥିବା କୃଷିକର୍ମଣ ପୁରସ୍କାର ରାଶି ଉପଯୋଗ କରି ଏହାକୁ ନିର୍ମାଣ କରାଯାଇଥିଲା । ଏହି କୋଠାକୁ ସମ୍ବଲପୁରୀ ଶାଢି ଇକ୍କତ ଶୈଳୀରେ ନିର୍ମାଣ କରାଯାଇଛି ।

# ଚାଷୀଙ୍କୁ ତୁରନ୍ତ ଆବଶ୍ୟକୀୟ ପରିମାଣରେ ୟୁରିଆ ସାର ଯୋଗାଇ ଦେବାକୁ ଦାବି କଲା କିଷାନ କଂଗ୍ରେସ

ଭୁବନେଶ୍ୱର,୨୫।୮ (ନି.ପ୍ର): ବର୍ତ୍ତମାନ ସାରା ରାଜ୍ୟରେ ଅନୁକୂଳ ପାଣିପାଗ ଥିବା ଯୋଗୁଁ ଚାଷ ପାଇଁ ୟୁରିଆ ସାରର ଯଥେଷ୍ଟ ଚାହିଦା ରହିଛି। କିନ୍ତୁ ସରକାରଙ୍କ ପକ୍ଷରୁ ୟୁରିଆ ସାର ଯୋଗାଣ କ୍ଷେତ୍ରରେ ଅହେତୁକ ବିଳମ୍ବ ଦେଖା ଦେଉଥିବା ଦୃଷ୍ଟିରୁ ଚଳିତ ଖରିଫ୍ ଚାଷ ଘୋର ବାଧାପ୍ରାପ୍ତ, ଚାଷୀ ସାର ପାଇଁ ବହୁ ଅସୁବିଧାର ସମ୍ମୁଖିନ। ଚଳିତ ଖରିଫ୍ ଚାଷ ପାଇଁ ରାଜ୍ୟରେ ୪ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ସାର ଚାଷୀଙ୍କୁ ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କିନ୍ତୁ ଅଗଷ୍ଟ ମାସ ସୁଦ୍ଧା ୩ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ସାର ଚାଷୀଙ୍କୁ ଯୋଗାଇ ଦିଆଯିବା କଥା। କିନ୍ତୁ ଗତକାଲି ସୁଦ୍ଧା ପ୍ରାୟ ୨ ଲକ୍ଷ ମେଟ୍ରିକ୍ ଟନ୍ ସାର ଯୋଗାଇ ଦିଆଯାଇଥିବା ବେଳେ ଆଉ ଦେଢ ଲକ୍ଷ ମେଟ୍ରିକ୍ ଟନ୍ ସାର ସରକାର ଚାଷୀଙ୍କୁ ଯୋଗାଇ ଦେଇପାରି ନାହାନ୍ତି। ଫଳରେ ଅନେକ ସ୍ଥାନରେ ସାରର କଳାବଜାରୀ ସୃଷ୍ଟି ହେବା ସହ ଚାଷୀ ଚଢା ଦରରେ ୟୁରିଆ ସାର ବସ୍ତା ପିଛା ୨୦୦ ରୁ ୩୦୦ ଟଙ୍କାରେ କିଣିବାକୁ ବାଧ ହେଉଛନ୍ତି। ଏଥିପ୍ରତି କୃଷି ବିଭାଗର ନିଘା ନାହିଁ। ଏଥିରେ ଉଭୟ ସରକାର ଚାଷୀଙ୍କର ଆୟ କିପରି ୨ ଗୁଣା ବଢାଇବେ ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଅମୀୟ କୁମାର ପଟ୍ଟନାୟକ କଂଗ୍ରେସ ପକ୍ଷରୁ ଉଭୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଅଧିକ ଫସଲ ଅମଳ ପାଇଁ ସାର ମୁଖ୍ୟ ଉପାଦାନ। ଏହି ମର୍ମରେ ପ୍ରତି ହେକ୍ଟର ପିଛା ୮୧ କେଜି ସାର ପ୍ରୟୋଗ କରାଯିବା ସହ ଚଳିତ ଖରିଫ୍ ଚାଷ ପାଇଁ ସରକାର ଡିଏପି, ଏମ୍ଓପି, ୨୦-୨୦-୧୩, ୧୦-୨୬୨୬ ଏପରି ସର୍ବୋମୋଟ୍ ୯ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନ୍ ସାର ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ୬୦ ପ୍ରତିଶତ ସାର ମଧ୍ୟ ସରକାର ଯୋଗାଇ ଦେଇ ପାରିନାହାନ୍ତି। ଏପରିକି ସାର କଳାବଜାରୀ ରୋକିବା, ବିପଣନ, ଆବଶ୍ୟକ ପରିମାଣର ଗନିବ୍ୟାଗ୍, ପରିବହନ, ପ୍ୟାକିଂ, ଗୋଦାମ ଘର ପ୍ରଭୃତିର କୌଣସି ଭିତିଭୂମି ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଶାର ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଣ ଓ ସୁଦୃଢ ରେଲୱେ ର୍ୟାକ୍ ବ୍ୟବସ୍ଥା କରିବା ସହ ରାଜ୍ୟ ସରକାର ଚାଷୀଙ୍କୁ ଆବଶ୍ୟକ ପରିମାଣର ୟୁରିଆ ସାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୁବିତରଣ କରିବାକୁ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, କାର୍ଯ୍ୟକାରୀ ଉପାଧ୍ୟକ୍ଷ ଶଶୀଭୂଷଣ ପାତ୍ର, ଉପାଧ୍ୟକ୍ଷ ସୁଧିର ପରିଛା, ପ୍ରେମାନନ୍ଦ ସ୍ୱାଇଁ, ସାଧାରଣ ସଂପାଦକ ତଥା କିଷାନ କଂଗ୍ରେସର ପଶ୍ଚିମ ଓଡିଶା ଇନ୍‌ଚାର୍ଜ ବିଷ୍ଣୁ ମୋହନ ରଥ, ସଂପାଦକ ନିମାଇଁ ଚରଣ ଜେନା, ବୃନ୍ଦାବନ ଖଟେଇ, ନିରଞ୍ଜନ ବେହେରା, କାର୍ତ୍ତିକ ଦାସ ଓ ଯତି ପ୍ରଧାନ ପ୍ରମୁଖ ଉଭୟ ସରକାରଙ୍କ ନିକଟରେ ଦୃଢ ଦାବି କରିଛନ୍ତି।

## ଭୁବନ ସିଏଚସି ରେ ୯୭ ଜଣ ଆଂଟିଜେନ ଟେଷ୍ଟିଂ କଲେ

ଭୁବନ,୨୫।୮ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୯୩ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ। ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୪୦୦ ରେ ପହଁଚିଥିବାରୁ ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ଆଂଟିଜେନ ଟେଷ୍ଟ ପାଇଁ ଆଗ୍ରହ ପ୍ରକାଶ କରି ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି। ଆଜି ୯୭ ଜଣ ଆଂଟିଜେନ ଟେଷ୍ଟ କରିଥିଲେ। ଲ୍ୟାବ ଟେକ୍ନିସିଆନ (କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ।

# ସିପିଆଇଏମ୍ ଓ ସିଟୁ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା

ଭଦ୍ରକ, ୨୫/୮ (ହି.ସ.) - ଆୟକର ଦେଉନଥିବା ଦେଶର ସମସ୍ତ ପରିବାରକୁ ମାସିକ ୭ ହଜାର ୫୦୦ ଟଙ୍କା କରି ୬ ମାସ ପର୍ଯ୍ୟନ୍ତ ଆର୍ଥିକ ସହାୟତା, ପରିବାର ମୁଣ୍ଡପିଛା ୧୦ କିଲୋ ଚାଉଳ, ଗହମ, ଚିନି , ଡାଲି ଓ କିରୋସିନି ମାଗଣାରେ ପ୍ରଦାନ, ମନରେଗା ଯୋଜନାରେ ସମସ୍ତ ଶ୍ରମିକଙ୍କୁ ବର୍ଷକୁ ୨୦୦ ଦିନର କାମ ଓ ଦୈନିକ ୬ ଶହ ଟଙ୍କା ମଜୁରୀ ପ୍ରଦାନ, ସହରା ଳ ନିମନ୍ତେ ଏହି ଆଇନ୍ ପ୍ରଣୟନ, ସମସ୍ତ ବେକାରୀଙ୍କୁ ବେକାରୀ ଭ ।, ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ୍ ୧୯୭୯ ରଦ୍ଦ କରିବାର ମସୁଧା ବନ୍ଦ କରିବା, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ବାତିଲ, କୃଷକ ଓ କୃଷି ଶ୍ରମିକମାନଙ୍କର ସମସ୍ତ ଋଣ ଛାଡ କରି ସେମାନଙ୍କ ଉତ୍ପାଦିତ ଫସଲ ସରକାରୀ ଧାର୍ଯ୍ୟ ଦରରେ କ୍ରୟ କରିବା ଭଳି ୧୬ ଦଫା ଦାବି ନେଇ ଆଜି ଭଦ୍ରକ ଜିଲା ସିପିଆଇ(ଏମ୍) ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଦାବିଗୁଡିକ ନେଇ ଆଜି ଜିଲା କମିଟି ସଂପାଦକ ଦିବ୍ୟସିଂହ ନାୟକ, ରାଧା ଦାସ, ମଂଟୁ ମୁଣ୍ଡା, ସେକ୍ ସ ।ରୁଦ୍ଦିନ୍, ନିରଂଜନ ପାଣି, ଚନ୍ଦ୍ରଶେଖର ନାୟକ, ମୁକ୍ତିକାନ୍ତ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନେତାଜୀ ନଗର, ବନ୍ତଛକ ବସ୍ତି, ସେକ୍ ସାହି, କାଜିସାହି ଠାରେ ବାହାରିଥିଲା। ଏବଂ ସମସ୍ତ ସ୍ଥାନରେ ପ୍ରତିବାଦ ସଭାମାନ କରାଯାଇଥିଲା। ଏହି ସଭାରେ ଉପରୋକ୍ତ ନେତାମାନେ ମୋଦି ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ଏକ ହେବାକୁ ଆହ୍ୱାନ ଦେବା ସହ ଅଗଷ୍ଟ ୨୦ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ପ୍ରତିବାଦ ଓ ପ୍ରଚାର ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

# ଆଳିଜଙ୍ଗା ପାଟ ଜମି ଜଳାର୍ଣ୍ଣବ, ଚିନ୍ତାରେ ଚାଷୀ

କେନ୍ଦ୍ରାପଡା,୨୫।୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଂଚାୟତର ଆଳିଜଙ୍ଗା ଗ୍ରାମ ନିକଟରେ ଥିବା ପାଟ ଜମିରେ ବର୍ଷାପାଣି ଜମି ରହି ଲହଡ଼ି ଭାଙ୍ଗୁଥିବା ଦେଖିବାକୁ ମିଳିଛି। ଦୁଇ ଦୁଇଟି ଲଘୁଚାପଜନିତ ବର୍ଷା କାରଣରୁ ଓ ଗୋବରୀ ନଦୀରେ ବନ୍ୟା ଜଳ ପ୍ରବାହ ବୃଦ୍ଧିପାଇ ଏକ ବିସ୍ତୀର୍ଣ୍ଣ ଅଂଚଳକୁ ପାଣିରେ ବୁଡାଇ ଦେଇଛି। ଫଳରେ ପାଟରେ ଥିବା ଚାଷଜମି ଗୁଡିକ ପାଣିରେ ବୁଡି ରହି ରୁଆ ଧାନ ନଷ୍ଟ ହୋଇଥିବାରୁ ଗରୁଆଳ, ହଳଦିଡିହ, ସମଲପୁର, ହଜାରିବଗିଚା, ଗରାପୁର ଆଦି ଗ୍ରାମର ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଚାଷୀମାନେ ଧାର ଉଦ୍ଧାର କରି ଚାଷରେ ଲଗାଇଥିବା ଟଙ୍କା ଫସଲ ନଷ୍ଟ ହେବା ସହ ସମ୍ପୂର୍ଣ୍ଣ ବରବାଦ ହୋଇ ଯାଇଥିବାରୁ ଚାଷୀ ମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି। ତୁରନ୍ତ ଏହି ପାଟ ଜମିରୁ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଗଲେ କିଛି ପରିମାଣରେ ଫସଲ ରକ୍ଷା କରାଯାଇ ପାରନ୍ତା ବୋଲି ସଂପୃକ୍ତ ଅଂଚଳର ଚାଷୀମାନେ ପ୍ରତିକ୍ରିୟା ରଖିଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଶ୍ରୀମନ୍ଦିର ରେ କୁକୁଟି ବ୍ରତ ଓ ବିମ୍ବାସୁର ବଧ ନୀତି ପାଳିତ

ପୁରୀ,୨୫।୮ (ନି.ପ୍ର): ଭାଦ୍ରବ ଶୁକ୍ଳ ସୋମବାର ଆଜି ସକାଳ ଧୂପ ପରେ କୁକୁଟି ବ୍ରତ ପାଇଁ ମହାଲକ୍ଷ୍ମୀ,ଲକ୍ଷ୍ମୀ ମନ୍ଦିର କୁ ବିଜେ କରିଥିଲେ। ସେଠାରେ କୁକୁଟି ବ୍ରତ ସାରି ସୁସଜିତ ପାଲିଙ୍କିରେ ଫେରିବା ପରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ଆଜି ସନ୍ଧ୍ୟା ଧୂପ ବଢିଲା ପରେ ଦକ୍ଷୀଣ ଘରୁ ମଦନମୋହନ ବିଜେ ହୋଇ ଆଜ୍ଞାମାଳ ପାଇ ନଟପା ମନ୍ଦିର ଖଟ ଉପରେ ବିଜେ ହେବା ପରେ ଶୀତଳ ଭୋଗ ବନ୍ଦାପନା ପରେ ମାର୍କଣ୍ଡେଶ୍ୱର ସାହି ଲୋକ ବିମ୍ବାସୁର ବଧ ପ୍ରସ୍ତାବ କରିବା ପରେ ବିମ୍ବାସୁର ବଧ ନାଟ କଲା ପରେ ଶୀତଳ ଭୋଗ ବନ୍ଦାପନା ହୋଇ ବାହୁଡା ବିଜେ କରିଥିଲେ।

# ଚୋରା ମାଙ୍କଡା ପଥର ସହିତ ଗାଡି ଜବତ



ବାରିପଦା,୨୫।୮ (ନି.ପ୍ର):ଏକ ଚୋରା ମାଙ୍କଡା ପଥର ବୋଝେଇ ଗାଡି ଜବତ କରାଯାଇଛି। ମୟୁରଭଞ୍ଜ ଜିଲ୍ଲା କରିଆ ଥାନା ଅନ୍ତର୍ଗତ କଙ୍କଡା ଗ୍ରାମ ନିକଟରୁ ଏହି ମାଙ୍କଡ଼ା ପଥର ବୋଝଇ ମିନି ଟ୍ରକ ଜବତ ହୋଇଛି। ସୂଚନା ଅନୁଯାୟୀ, କରିଆ ପୋଲିସ ପକ୍ଷରୁ ପେଟ୍ରୋଲିଙ୍ଗ ସମୟରେ ଓଆର ୦୯ ବି ୫୪୦୨ ନମ୍ବରର ଗାଡିକୁ ଅଟକାଇ ଥିଲେ। ସେହି କ୍ଷଣି ଡ୍ରାଇଭର, ହେଲପର ଗାଡିକୁ ଛାଡି ଫେରାର ହୋଇ ଯାଇଥିଲେ। ତେବେ ଟ୍ରକଟି ଯାଞ୍ଚ କରିବାରୁ ମାଙ୍କଡା ପଥର ଚୋରା ଚାଲାଣ ହେଉଥିବା ଜାଣି ପାରିଥିଲେ। ପୋଲିସ ପଥର ବୋଝଇ ଟ୍ରକକୁ କରିଆ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ମଧ୍ୟ ଯଶିପୁର ବ୍ଲକରେ ଥିବା ପଥର ଖଣିରୁ ଦୈନିକ ଟ୍ରିପ, ଟ୍ରିପ ପଥର ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ତେବେ ପ୍ରଶାସନିକ ଅଧିକାରୀ ମାନେ ଜାଣି ନଜାଣିଲା ପରି ଚୁପ ରହିବା ଯୋଗୁଁ ବହୁ ରାଜସ୍ୱ ହାନୀ ହେଉଥିବା ନେଇ ଗ୍ରାମବାସୀ ମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହିଁ, ଏହି ଚୋରା ପଥର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି।

# ପୁରୁଣାବଜାର ପୁଲିସ୍ ଦ୍ୱାରା ବିଦେଶୀ ମଦ ସହ ଜଣେ ଗିରଫ

ଭଦ୍ରକ,୨୫।୮ (ହି.ସ): ଭଦ୍ରକ ପୁରୁଣାବଜାର ଥାନା ଅଧୀନସ୍ଥ ଚନ୍ଦନବଜାର ଅଂଚଳରୁ ବିପୁଳ ପରିମାଣର ବିଦେଶୀ ମଦକୁ ପୁଲିସ୍ ଜବତ କରିଛି। ଏହି ଘଟଣାରେ ଜଣେ ବ୍ୟକ୍ତି ମଧ୍ୟ ଗିରଫ ହୋଇଛି। ଭଦ୍ରକ ଜିଲାରେ ଦିନକୁ ଦିନ ଚୋରା ମଦ ବ୍ୟବସାୟ ବୃଦ୍ଧି ପାଉଥିବାବେଳେ ଆଜି ପୁରୁଣାବଜାର ଥାନାଧିକାରୀ ଗଣେଶ ପ୍ରଧାନ କୌଣସି ସୂତ୍ରରୁ ଖବର ପାଇ ଚନ୍ଦନ ବଜାର ଅଂଚଳରୁ ବିପୁଳ ପରିମାଣର ଉପରୋକ୍ତ ବିଦେଶୀ ମଦ ଜବତ କରିବା ସହିତ ସ୍କୁଟି ଦ୍ୱାରା ମଦ ନେଇ ଯାଉଥିବା ରଂଜନ ସାହୁକୁ ଗିରଫ କରିଛି। ଏଠାରେ ସୂଚନାଯୋଗ୍ୟ ଭଦ୍ରକରେ ଲକଡାଉନ୍‌ର ସୁଯୋଗ ନେଇ ବହୁ ଚୋରା ମଦ, ବ୍ରାଉନ୍‌ସୁଗାର କାରବାର ବୃଦ୍ଧି ପାଉଛି। ବିଶେଷକରି ଭଦ୍ରକ ସହରା ଳରେ ଚୋରାରେ ମଦ ଓ ବ୍ରାଉନ୍ ସୁଗାର କାରବାର ଚାଲିଥିବାର ସୂଚନା ମିଳିଛି। ପୁରୁଣାବଜାର ପୁଲିସ୍ ଗତ କିଛିଦିନ ହେବ ନକଲି ଜର୍ଦ୍ଦା ଓ ଚୋରା ମଦ କାରବାର ଧରପଗଡ ଜାରି ରଖିଛି।

# ବରୀ ବିଧାୟିକାଙ୍କ ଆପତିଜନକ ମନ୍ତବ୍ୟ ବିରୋଧରେ ଥାନାରେ ଏତଲା ଦେଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷା

ଧର୍ମଶାଳା,୨୫।୮ (ନି.ପ୍ର): ମା'କୁ ସମ୍ମାନ ଗାଁକୁ କାମ' ସ୍ଲୋଗାନ ଏବେ ଶାସକ ଦଳକୁ ମହଙ୍ଗା ପଡିଛି। ସବୁ ବେଳେ ଶାସକ ଦଳ ମୁଖୀଆ ମହିଳାମାନଙ୍କୁ ଗୁରୁତ୍ୱ ଦେଉଥିବା ସହ କର୍ମୀମାନଙ୍କୁ ଅନେକ ପରାମର୍ଶ ଦେଉନ୍ତି। ଏବଂ ବିଭିନ୍ନ ସଂଘ ମଧ୍ୟରେ ମହିଳାମାନଙ୍କ ବିକାଶ ନିମନ୍ତେ ବହୁ ଯୋଜନାମାନ କରୁଥିବା ବେଳେ ଜଣେ ମହିଳା ବିଧାୟିକା ହୋଇ ଜଣେ ମହିଳାଙ୍କୁ କିଛି ଆପତିଜନକ ମନ୍ତବ୍ୟ ଦେବା ନେଇ ଏବେ ଯାଜପୁର ଜିଲାରେ ଚର୍ଚ୍ଚା ଜୋର ଧରିଛି। ଏବେ ବରୀ ରାଜନୀତି ଏବେ ସରଗରମ ହୋଇଛି। ଶାସକ ଦଳର ବିଧାୟିକ ସୁନନ୍ଦା ଦାସଙ୍କ ଏଭଳି ମନ୍ତବ୍ୟ ସାଧାରଣରେ ନାପସନ୍ଦ କରାଯାଇଛି। ଏବଂ ତାଙ୍କ ବିରୋଧରେ ବରୀ-ରାମଚନ୍ଦ୍ରପୁର ଥାନାରେ ବରୀ ବ୍ଲକର ପୂର୍ବତନ ଅଧ୍ୟକ୍ଷା ଭାରତୀ ବେହେରା ତାଙ୍କ ନାମରେ ଏତଲା ଦେଇଛନ୍ତି। ସୂଚନା ମୁତାବକ ଗତ କିଛି ଦିନ ତଳେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ବରୀ ବିଧାୟିକା ସୁନନ୍ଦା ଦାସ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭାରତୀ ବେହେରାଙ୍କ ନାଁ ନେଇ ଆପତିଜନକ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ଆଜି ଏହି ଖବର ପ୍ରକାଶ ହେବା ପରେ ଶ୍ରୀମତି ବେହେରା ଆଜି ଅପରାହ୍ନରେ ବିଧାୟିକାଙ୍କ ନାମରେ ଏତଲା ଦେଇଛନ୍ତି। ଏବଂ ତାଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସେ ଦାବି କରିଥିବା ବେଳେ ବିଧାୟିକାଙ୍କ ଏଭଳି ମନ୍ତବ୍ୟକୁ ନେଇ ସାଧାରଣରେ ନାପସନ୍ଦ କରାଯାଇଛି। ସୂଚନା ଥାଉକି ଚଳିତ ସାଧାରଣ ନିର୍ବାଚନରେ ବରୀ ନିର୍ବାଚନ ମଣ୍ଡଳୀରୁ ସୁନନ୍ଦ ଦାସ ବିଜେଡି ଦଳରୁ ପ୍ରାର୍ଥୀ ହୋଇ ବିଧାୟିକା ଆସନରେ ବସିଥିଲେ।

# କନ୍ଧମାଳର ସ୍ୱେଚ୍ଛାସେବୀ ମହାସଂଘର ଆବାହକ ଅଶୋକ ପରିଡାଙ୍କ ପିତୃ ବିୟୋଗ

କନ୍ଧମାଳ,୨୫।୮ (ନି.ପ୍ର): କନ୍ଧମାଳ ଜିଲ୍ଲା ସ୍ୱେଚ୍ଛାସେବୀ ମହାସଂଘର ଆବାହକ ତଥା ଜିଲ୍ଲାର ବିଶିଷ୍ଟ ସମାଜସେବୀ ଅଶୋକ ପରିଡାଙ୍କର ପିତା ବଟକୃଷ୍ଣ ପରିଡା (୮୪)ଙ୍କର ଆଜି ଦିନ ପ୍ରାୟ ୩.୧୪ ମିନିଟରେ ତାଙ୍କ ବାସ ଭବନ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେହାନ୍ତ ଘଟିଛି। ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା ଗତ କିଛିଦିନ ହେଲା ଭଲ ନଥିବାରୁ ତାଙ୍କୁ ସେଠାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ତାଙ୍କର ଦେହାନ୍ତ ପରେ ତାଙ୍କ ମରଶରୀରକୁ ତାଙ୍କ ଗ୍ରାମ ସାରୁଆଳିରେ ଥିବା ବାସ ଭବନକୁ ଅଣାଯାଇଥିଲା। ଅଶୋକ ପରିଡାଙ୍କ ସମେତ ତାଙ୍କର ୫ ଜଣ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ମୃତ୍ୟ ଶଯ୍ୟାରେ ତାଙ୍କର ସମସ୍ତ ପୁଅ ଏବଂ ଝିଅ ଉପସ୍ଥିତ ଥିଲେ। ତାଙ୍କର ଦେହାନ୍ତରେ ତାଙ୍କ ପରିବାର ସମେତ ଗ୍ରାମରେ ମଧ୍ୟ ଶୋକର ଛାୟା ଖେଳିଯାଇଛି। ଅଶୋକ ପରିଡାଙ୍କ ପିତା ଗ୍ରାମର ଜଣେ ଭଲ ସମାଜସେବୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଭାବରେ ସେହି ଅଂଚଳରେ ଥିବା ୧୫ଟି ପଂଚାୟତରେ ଦିର୍ଘ ୪୦ ବର୍ଷ ହେଲା ପରିଚିତ ଥିଲେ। ଗ୍ରାମର ଲୋକଙ୍କର ବିଭିନ୍ନ ସମସ୍ୟାରେ ସହାୟତା କରିଆସୁଥିଲେ। ତାଙ୍କ ଆଦର୍ଶରେ ଅନେକ ଲୋକ ଅନୁପ୍ରାଣିତ ହୋଇ ସେମାନଙ୍କର ଜୀବନ ଗଢିବାରେ ସଫଳ ହୋଇଥିଲେ। ଗ୍ରାମରେ ଲୋକଙ୍କ ସମେତ ତାଙ୍କର ପରିବାର ବର୍ଗଙ୍କ ଦ୍ୱାରା ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ତାଙ୍କ ପୁଅ ଅଶୋକ ପରିଡା ମଧ୍ୟ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ କନ୍ଧମାଳ ଜିଲ୍ଲାରେ ସମାଜସେବା କରିଆସୁଛନ୍ତି। ଅଶୋକ ପରିଡା କନ୍ଧମାଳ ଜିଲ୍ଲର ଜଣେ ବିଶିଷ୍ଟ ସ୍ୱେଚ୍ଛାସେବୀ, ରକ୍ତଦାତା ଓ ଜଣେ ସାମ୍ବାଦିକ ଅଟନ୍ତି। ପିତାଙ୍କର ମୃତ୍ୟୁ ଶଯ୍ୟାରେ ଅଶୋକ ପରିଡା ମଧ୍ୟ ଉପସ୍ଥିତ ଥିଲେ। ଏହି ଖବର ପାଇବାପରେ କନ୍ଧମାଳ ଜିଲ୍ଲରେ ସମାଜସେବୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ୧୬ ନମ୍ବର ଜାତୀୟ ରାଜପଥ ପଲଟିଛି ମରଣାଯନ୍ତା, ଅକାଳରେ ଝଡୁଛି ଜୀବନ

ଧର୍ମଶାଳା,୨୫।୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତାରେ ପରିଣତ ହୋଇଛି। ଯାହା ଫଳରେ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ମାନ ଘଟି ଧନଜୀବନ ନଷ୍ଟ ହେଉଛି। ଏବେ ୧୬ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାମ ଚାଲିଥିବା ବେଳେ ଜାରକା ଛକରେ ଏକ ଫ୍ଲାଇ ଓଭର ବ୍ରିଜ ନିର୍ମାଣ କାମ ଚାଲୁଛି। ଫଳରେ ଗାଡି ଗୁଡିକ ବାଇପାସ ରାସ୍ତା ଦେଇ ଚଳାଚଳ କରୁଛି। ରାସ୍ତାର ଡାଇଭରସନ ସ୍ଥାନରେ ହମ୍ପସ ନଥିବାରୁ ଗାଡି ଗୁଡିକ ଦୃତ ଗତିରେ ଯାତାୟତ କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନି ଘଟୁଛି। ତେଣେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଏହାର ସମ୍ପୂର୍ଣ୍ଣତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫ୍ଲାଇ ଓଭର କାମକୁ ୩ ମାସ ମଧ୍ୟରେ ସାରିବାକୁ ସମ୍ପୃକ୍ତ ଠିକାଦାର କହିଥିବା ବେଳେ ତିନିମାସ ପୂରଣ ହୋଇଯାଇଥିଲେ ହେଁ ଏହାର ମାତ୍ର ୨ ଗୋଟି ପିଲର ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନାହିଁ। ଯାହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଜାରକା ବଜାର ଉଭୟ ପାର୍ଶ୍ୱକୁ ଯିବା ପାଇଁ ପୂର୍ବରୁ ଛକ ମଝିରେ ରହିଥିବା ଗଳି ପୋଲକୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ବନ୍ଦ କରିଦେଇଥିବାରୁ ଲୋକେ ବଜାରର ଉଭୟ ପାର୍ଶ୍ୱକୁ ଯାତାୟତ ଲାଗି ଜାତୀୟ ରାଜପଥକୁ ଅତିକ୍ରମ କରିବାକୁ ପଡୁଛି। ଯାହା ଫଳରେ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ହମ୍ପସ ନିର୍ମାଣ କରିବାକୁ ଦୀର୍ଘ ଦିନ ହେଲା ବଜାର କମିଟି ପକ୍ଷରୁ ଦାବି ହୋଇ ଆସୁଥିଲେ ହେଁ ସମ୍ପୃକ୍ତ ଠିକାଦାର କମ୍ପାନୀ ଏଥିପ୍ରତି ଧ୍ୟାନ ଦେଉ ନଥିବା ଅଭିଯୋଗ ହୋଇଛି। ବାଜାରର ଉଭୟ ପଟକୁ ଯାତାୟତ ଲାଗି ଯଦି ତୁରନ୍ତ ବିକଳ୍ପ ବ୍ୟବସ୍ଥା କରା ନଯାଏ ତେବେ ଉଭୟ ବଜାର କମିଟି ଓ ସ୍ଥାନୀୟ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# କାର ବୋଝେଇ ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ

ଭଦ୍ରକ, ୨୫/୮ (ହି.ସ.) - ଭଦ୍ରକ ସହରର ୩ଟି ଥାନା ଅଂଚଳରେ ଦୀର୍ଘବର୍ଷ ଧରି ନକଲି ଜର୍ଦ୍ଦା କାରଖାନା ଚାଲିଆସୁଥିବାବେଳେ ପୁଲିସ୍ ସେମାନଙ୍କୁ ବହୁ ସମୟରେ ଠାବ କରି ବିପୁଳ ପରିମାଣର ସାମଗ୍ରୀ ଓ ଯନ୍ତ୍ରାଂଶ ଜବତ କରିଆସୁଛି। ତେବେ ପୁଲିସ୍ ଗୋଟିଏ ପଟେ ଚଢାଉ କରୁଥିବାବେଳେ ଅନ୍ୟପଟେ ଅପରାଧୀମାନେ ସେମାନଙ୍କର ଏହି ବ୍ୟବସାୟକୁ ବଢାଇ ଚାଲିଛନ୍ତି। ଏହାକୁ ରୋକିବା ଦିଗରେ ପୁଲିସ୍ ଯେତେ ଜାଲ ବିଛାଉଥିଲେ ମଧ୍ୟ ଏହା ବନ୍ଦ ହେଉନାହିଁ। ପ୍ରତିଦିନ ଏହି ନକଲି ଜର୍ଦ୍ଦା ବେପାରୀମାନେ ଅଳ୍ପ ବହୁତେ ଧରା ପଡୁଥିଲେ ବି ସେମାନେ ତାଙ୍କର ଏହି କାରବାରକୁ ବୃଦ୍ଧି କରିବାରେ ଲାଗିଛନ୍ତି। ଆଜି ଅନୁରୂପ ଭାବେ ଗ୍ରାମା ଳ ପୁଲିସ୍ ଦ୍ୱାରା ଏକ ସୁଇଫ୍ଟ କାର୍‌ରେ ବିପୁଳ ପରିମାଣର ନାମୀଦାମୀ କଂପାନୀର ଜର୍ଦ୍ଦାକୁ ଅର୍ଣ୍ଣପାଳ ଗଜେନ୍ଦ୍ରପୁର ନିକଟରୁ ଜବତ କରିଛି। ଯଦିଓ ଓଡି-୨୨ଏମ୍-୯୭୩୧ ନମ୍ବରର ଏହି ଜର୍ଦ୍ଦା ବୋଝେଇ ସୁଇଫ୍ଟ କାର୍‌ଟିକୁ ପୁଲିସ୍ ଜବତ କରିଥିଲେ ବି ଡ୍ରାଇଭର ଓ ସହଯୋଗୀ ମାନେ ଫେରାର ହୋଇଯାଇଥିବାର ସୂଚନା ମିଳିଛି। ଗ୍ରାମା ଳ ଥାନା ଅଧିକାରୀ କାର୍‌ଟିକୁ ଥାନାକୁ ଆଣିବା ସହିତ ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ କରି ଫେରାର ହୋଇଯାଇଥିବା ଅଭିଯୁକ୍ତକୁ ଧରିବାର ପ୍ରୟାସ କରୁଥିବାର ଜଣାପଡିଛି।

# ଦିଅର ଟାଙ୍ଗିଆ ଚୋଟରେ ଭାଉଜ ମୃତ

ଭୁବନ,୨୫।୮ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ପଂଚାୟତ କିଙ୍ଗୋଳ ଦଳିତ ସାହିରେ ଗତକାଲି ରାତି ଏକ ଅଭାବନୀୟ ଘଟଣା ଘଟିଛି। ଦିଅର ର ଟାଙ୍ଗିଆ ଚୋଟରେ ଭାଉଜର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଗତକାଲି ରାତି ପ୍ରାୟ ସାଢେ ୧୦ ଘଟିକା ସମୟରେ ଲିଲି ମଲିକ(୩୨) ଙ୍କ ସ୍ୱାମୀ ଅଭିମନ୍ୟୁ ଓ ଶ୍ୱଶୁର ସଦାନନ୍ଦ ଚାଷ ଜମିକୁ ଯାଇଥିବା ବେଳେ ୫ ବର୍ଷର ନାବାଳିକା ଝିଅକୁ ଧରି ଶୋଇଥିଲେ। ଏହି ସମୟରେ ଦିଅର ରବୀନ୍ଦ୍ର (୩୦) ଏକ ଟାଙ୍ଗିଆରେ ଲିଲି ଙ୍କୁ ଆକ୍ରମଣ କରି ମୁଣ୍ଡକୁ ହାଣି ଦେଇଥିଲା। ଲିଲିଙ୍କ ଚିତ୍କାର ଶୁଣି ପଡୋଶୀ ମାନେ ଦୌଡିଆସି ରବୀନ୍ଦ୍ରକୁ କାବୁ କରିବା ସହ ଲିଲିଙ୍କୁ ଉଦ୍ଧାର କରିଥିଲେ। ରବୀନ୍ଦ୍ରର ଟାଙ୍ଗିଆ ଚୋଟରେ ଲିଲି ରକ୍ତ ଜୁଡୁବୁଡୁ ହୋଇଥିବା ବେଳେ ଓ ତାଙ୍କ ଝିଅ ମଧ୍ୟ ଆହତ ହୋଇଥିଲେ। ଲିଲିଙ୍କ ସ୍ୱାମୀ,ଶ୍ୱଶୁର ଘରେ ପହଁଚି ଗୁରୁତର ଆହତ ମା ଓ ଝିଅ ଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଲିଲି ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ଖବର ପାଇ ଭୁବନ ଥାନା ଆଇଆଇସି ଜିତେନ୍ଦ୍ର କୁମାର ସାହୁ,ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ଶବ ଜବତ କରିବା ସହ ଅଭିଯୁକ୍ତ ରବୀନ୍ଦ୍ର କୁ ଅଟକ ରଖିଛନ୍ତି। କେଶ ନଂ - ୨୩୫/୨୦୨୦ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା ଥାନା ସୂତ୍ରରୁ ଜଣାପଡିଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିନଥିବା ବେଳେ ରବୀନ୍ଦ୍ରକୁ ଛାଡି ତା ସ୍ତ୍ରୀ ପଳାଇଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି କାଣ୍ଡ କରିଛି ବୋଲି ଆଲୋଚନା ହେଉଛି।

# କାଡାନାଳ ଅବରୋଧ ତଦନ୍ତ କଲେ ଅଧିକାରୀ

ଭଦ୍ରକ, ୨୫/୮(ହି.ସ.) - ଏହି ଜିଲାର ବନ୍ତ ତହସିଲ ଛୟାଳସିଂ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅଧିନ ବାଇପୁର ମୌଜାରେ କାଡାନାଳ ଅବରୋଧ ଯୋଗୁ ପ୍ରାୟ ୩୦ ଏକର ଚାଷ ଜମି ଜଳମଗ୍ନ ହୋଇ ରୁଆଧାନ ନଷ୍ଟ ହେବା ସଂପର୍କରେ ଚାଷୀ ମାନେ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ଏସଂପର୍କରେ ମୁଖ୍ୟମନ୍ତ୍ରୀ, ଓଡିଶା ଜଳ ସମ୍ପଦ ବିଭାଗ, ଏସ୍.ଆର.ସି, ଓଡିଶା, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କୃଷି ବିଭାଗକୁ ଟୁଇଟର ମାଧ୍ୟମରେ ଅଭିଯୋଗ କରାଯାଇଥିଲା। ରବିବାର ଏହି ଘଟଣାରେ ଭଦ୍ରକ କାଡା ଡିଭିଜନର କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ଦେ ସଂପୃକ୍ତ ମୌଜାକୁ ପରିଦର୍ଶନରେ ଯାଇ ତଦନ୍ତ କରିଥିବା ଜଣାଯାଇଛି। ଦୀର୍ଘ ବର୍ଷ ହେବ ଉକ୍ତ ମୌଜାର କାଡା ନାଳ ମରାମତି ହୋଇନଥିବା ସଂପର୍କରେ କୌଣସି ଅଭିଯୋଗ କାଡା ଅଫିସରେ ହୋଇନଥିବା, ଧାନ ଅମଳ ପରେ ଖରା ଦିନ ହେଲେ ଉକ୍ତ କାଡାନାଳକୁ ତହସିଲ ମାଧ୍ୟମରେ ମରାମତି କରାଯିବ ବୋଲି କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ସୂଚନା ମିଳିଛି। ବର୍ତ୍ତମାନ ପାଣି ନିଷ୍କାସନ କରି ଚଳିବା ପାଇଁ ସେ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ପରିଦର୍ଶନ ବେଳେ ସାହାଡାପଲ୍ଲୀ ପାଣି ପ ।ୟତର ସଭାପତି ବଟକୃଷ୍ଣ ମହାନ୍ତି, ସଂପାଦକ ହୃଷିକେଶ ପାତ୍ର, କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ଲେଙ୍କା, ଚାଷୀ ଯୁଧିଷ୍ଠିର ଯେନା, ରବିନ୍ଦ୍ର କୁମାର ପଣ୍ଡା, ହଳଧର ସାହୁ ଉପସ୍ଥିତ ଥିଲେ।

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ପାଳିତ

# ବର୍ଦ୍ଧିତ ଖାଦ୍ୟ ଚାହିଦା ପୂରଣ ନିମନ୍ତେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗ ଆବଶ୍ୟକ - ମନ୍ତ୍ରୀ

ଭୁବନେଶ୍ୱର,୨୫।୮ (ନି.ପ୍ର): ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଚାହିଦାକୁ ପୂରଣ କରିବା ଦିଗରେ କୃଷି କ୍ଷେତ୍ରରେ ନୂତନ ଚାଷ ପ୍ରଣାଳୀ ଓ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରୟୋଗ ଆବଶ୍ୟକ। ସୀମିତ ଚାଷ ଜମିରୁ ଅଧିକ ଖାଦ୍ୟ ପଦାର୍ଥ ଉତ୍ପାଦନର ଜ୍ଞାନ କୌଶଳ ପ୍ରୟୋଗ ଏବଂ ଓଡ଼ିଶା ପରି ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ପରିବେଶ ଅନୁକୂଳ ଚାଷ କାର୍ଯ୍ୟ ନିମନ୍ତେ ଅଧିକ ଗବେଷଣା ଦିଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରମୁଖ ଭୂମିକା ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଆଜି କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଛନ୍ତି ପ୍ରତି ମୁହୂର୍ତ୍ତରେ ଯେତେବେଳେ ମଣିଷର ଜ୍ଞାନର ଭଣ୍ଡାରର ପରିସୀମା ବୃଦ୍ଧି ପାଉଛି, ଠିକ୍ ସେତିକିବେଳେ ମାନବ ସମାଜ ନୂତନ ଆହ୍ୱାନର ମଧ୍ୟ ସମ୍ମୁଖୀନ ହେଉଛି। ସଂପ୍ରତି ମଣିଷ ସମାଜ କୋଭିଡ଼-୧୯ ପରି ଏକ ଜଟିଳ ପରିସ୍ଥିତି ନେଇ ଗତି କରୁଥିବା ବେଳେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଜନସାଧାରଣଙ୍କ ମୌଳିକ ଚାହିଦା ମେଂଟାଇବା ସହିତ ସେମାନଙ୍କୁ ରୋଜଗାର ଦେବାରେ ସକ୍ଷମ ହୋଇଥିଲା। ରାଜ୍ୟର ଦ୍ରୁତ ବିକାଶ ନିମନ୍ତେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସହିତ ଜଡ଼ିତ ୭୦ ପ୍ରତିଶତରୁ ଅଧିକ ଲୋକଙ୍କର ଆୟ ବୃଦ୍ଧି କରିବା ଆବଶ୍ୟକ। କୃଷକମାନଙ୍କର ଆୟ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଥିବା ବେଳେ ଆଧୁନିକ ଜ୍ଞାନ କୌଶଳ ଉଦ୍ଭାବନ ଓ ଏହାକୁ ଚାଷୀମାନଙ୍କ ନକଟରେ ପହଂଚାଇବା ପାଇଁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ନିଷ୍ଠା ଓ ଆନ୍ତରିକତାର ସହିତ କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ। ଏଥି ସହିତ କୃଷି କ୍ଷେତ୍ରରେ କୋଭିଡ୍-୧୯ ପୂର୍ବର ସ୍ଥିତି ଓ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ କୃଷି ବିଶ୍ୱବିଦ୍ୟାଳୟ ଗବେଷଣାମ କରି ନିର୍ଯ୍ୟାସ ବାହାର କରିପାରିଲେ ଏହା ଭବିଷ୍ୟତରେ ନୀତି ନିର୍ଦ୍ଧାରଣ ନିମନ୍ତେ ସହାୟକ ହେବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ପବନ କୁମାର ଅଗ୍ରୱାଲ ପୌରହିତ୍ୟ କରିବା ଅବସରରେ କୃଷି ଓ ଆନୁଷଙ୍ଗିକ ଶିକ୍ଷା କ୍ଷେତ୍ରରେ ମାନବୃଦ୍ଧି ନିମନ୍ତେ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଥିଲେ। ସାଂପ୍ରତିକ ସ୍ଥିତିର ଚାହିଦା ଅନୁଯାୟୀ ପାଠ୍ୟ ଖସଡ଼ା ଓ ଶିକ୍ଷାଦାନ ପ୍ରଣାଳୀରେ ପରିବର୍ତ୍ତନ କରାଯାଇଛି। ଏଥିସହିତ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରୟୋଗାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଡ. ଅଗ୍ରୱାଲ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକାସ୍ଥ ନେବ୍ରାସ୍କା ଲିଙ୍କନ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ପି. ଷ୍ଟିଫେନ ବେନଜିଗରଏବଂ ପ୍ରଫେସର ଚିତରଂଜନ ରାୟ ପ୍ରମୁଖ ଯୋଗଦେଇ ବିଶ୍ୱର ଖାଦ୍ୟ ସୁରକ୍ଷା ପୂରଣ ଦିଗରେ କୃଷିର ଭୂମିକା ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ। ଏ ଦିଗରେ ହାଇବ୍ରିଡ୍ ଗହମ ଉତ୍ପାଦନ ଓ ଜଳସେଚନର ଉପଯୋଗିତା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବ ପ୍ରାରମ୍ଭରେ କୃଷି ମହାବିଦ୍ୟାଳୟର ଡିନ ପ୍ରଫେସର ସଂଜୟ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ଶାଖାର ଡିନ ପ୍ରଫେସର ଲଳିତ ମୋହନ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶ୍ୱ ବିଦ୍ୟାଳୟ ତରଫରୁ ପ୍ରକାଶିତ ପୁସ୍ତକ, ନିଉଜ୍‌ଲେଟର, ସୂଚନା ପୁସ୍ତିକା ସହିତ ସିଡ଼ି ଆଦିର ଶୁଭ ଉନ୍ମୋଚନ କରାଯାଇଥିଲା।

## ମଙ୍ଗଳବାର, ଶୁକ୍ରବାର ଭୁବନ ଖୋଲା, ବୁଧ ଓ ଗୁରୁବାର ବନ୍ଦ ରହିବ

ଭୁବନ,୨୫।୮ (ନି.ପ୍ର): ଭୁବନ ଏନଏସିରେ କରୋନା ପଜିଟିଭ ସଂଖ୍ୟା ପାଖାପାଖି ୪୦୦ ରେ ପହଁଚିଥିବା ବେଳେ ନିୟନ୍ତ୍ରଣ ସକାଶେ ଅଗଷ୍ଟ ପ୍ରଥମ ସପ୍ତାହରୁ କେବଳ ସୋମବାର ଓ ଶୁକ୍ରବାର ଦୁଇଦିନ ମାର୍କେଟ ଖୋଲା ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଧିକ ସଂଖ୍ୟକ ଆଂଟିଜେନ ଟେଷ୍ଟ ଓ ସ୍ୱାବ ଟେଷ୍ଟ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ ଆସନ୍ତା ବୁଧବାର ଦିନ ଦୁଇଟି ସ୍ଥାନରେ ସ୍ୱାବ ଟେଷ୍ଟ କରାଯିବାକୁ ନିଷ୍ପତି ହୋଇଛି। ଏଥିପାଇଁ ଆସନ୍ତା ବୁଧବାର ଓ ଗୁରୁବାର ଦିନ ଭୁବନ ଏନଏସି ସଟଡାଉନ ରହିବ ଏବଂ ମଙ୍ଗଳବାର, ଶୁକ୍ରବାର ବ୍ୟବସାୟ ପ୍ରତିଷ୍ଠାନ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଶନିବାର ଓ ରବିବାର ସପ୍ତାହାନ୍ତ ସଟଡାଉନ ଜାରିରହିବ ବୋଲି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ସୂଚନା ଦେଇଛନ୍ତି।

# କାଶୀରେ ଶକ୍ତି ଉପାସନା



କାଶୀରେ କେବଳ ବାବା ଭୋଳାନାଥଙ୍କ ମନ୍ଦିର ନାହିଁ, ସେଠାରେ ମା'ଦୁର୍ଗାଙ୍କ ଦିବ୍ୟ ପୁରାତନ ମନ୍ଦିର ରହିଛି । କାଶୀଖଣ୍ଡରେ ଦେଖିବାକୁ ମିଳେ ।ଲାଲ ପଥରରେ ତିଆରି ଏହି ମନ୍ଦିରରେ ରହିଛି ଦୁର୍ଗା କୁଣ୍ଡ । ମନ୍ଦିରରେ ମାତାଙ୍କ ଅନେକ ସ୍ୱରୂପ ଦର୍ଶନ କରିବାର ସୌଭାଗ୍ୟ ମିଳିଥାଏ । ଭକ୍ତ ମା'ଙ୍କ ପ୍ରତିମା ଦେଖି ମନ୍ତ୍ର ମୁଗ୍ଧ ହୋଇଯାଏ ।ଏ ମନରେ ଏକ ପ୍ରକାର ସକାରାତ୍ମକ ଶକ୍ତି ଜାଗ୍ରତ ହୋଇଥାଏ । କାଶୀର ପୁରାତନ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ । ଏହାର ନିର୍ମାଣ ବଙ୍ଗଳାର ରାଣୀ ଭବାନୀ କରିଥିଲେ ।ମନ୍ଦିରରେ ମାତା ଦୁର୍ଗାଙ୍କ ଯନ୍ତ୍ର ମଧ୍ୟ ବିରାଜମାନ । ସାଥୀରେ ବାବା ଭୈରବନାଥ, ଦେବୀ ସରସ୍ୱତୀ, ଲକ୍ଷ୍ମୀ ଏବଂ କାଳୀଙ୍କ ମୂର୍ତ୍ତି ଅଲଗା ଅଲଗା ସ୍ଥାପିତ ହୋଇଛି । ମାତାଙ୍କ ପୂଜା ପରେ ଭକ୍ତ ଯନ୍ତ୍ର ମନ୍ଦିରରେ ଦର୍ଶନ କରିବା ଅନିବାର୍ଯ୍ୟ । ଏହି ମନ୍ଦିର ଦର୍ଶନ ପରେ ମା'ଙ୍କ ପୂଜା ସଂପୂର୍ଣ୍ଣ ହୋଇଥାଏ ।

ବର୍ଣ୍ଣିତ ଅଛି ଅସୁର ଶୁମ୍ଭ ଓ ନିଶୁମ୍ଭଙ୍କୁ ବଧ କରିବା ପରେ ମା' ଦୁର୍ଗା । ଏଠାରେ ବିଶ୍ରାମ ନେଇଥିଲେ । ଏହିଠାରେ ମାତା ଆଦିଶକ୍ତି ସ୍ୱରୂପରେ ବିରାଜମାନ ଏବଂ ଏହି ମନ୍ଦିର ଆଦିକାଳରୁ ରହିଛି ।ଆଦିକାଳରେ କାଶୀରେ କେବଳ ତିନୋଟି ମନ୍ଦିର ଥିଲା । ପ୍ରଥମେ କାଶୀ ବିଶ୍ୱନାଥ, ଅନ୍ୟଟି ମା' ଅନ୍ନପୂର୍ଣ୍ଣା ଓ ଦୁର୍ଗା ମନ୍ଦିର । କିଛି ଲୋକ ଏଠାରେ ତନ୍ତ୍ର ପୂଜା ମଧ୍ୟ କରିଥାନ୍ତି । ଏଠାରେ ଥିବା ଯଜ୍ଞ କୁଣ୍ଡ ନିଆଁରେ ସର୍ବଦା ମା'ଙ୍କୁ ନୈବେଦ୍ୟ ଦିଆଯାଏ । ଏହି ଭବ୍ୟ ମନ୍ଦିରରେ ଦୁର୍ଗାକୁଣ୍ଡ ମଧ୍ୟ ରହିଛି । ଏହି କୁଣ୍ଡ ସହ ଏକ ଅଦ୍ଭୁତ କାହାଣୀ ଯୋଡି ହୋଇ ରହିଛି । କାଶୀ ନରେଶ ରାଜା ସୁବାହୁ ନିଜ ଝିଅର ବିବାହ ନିମନ୍ତେ ସ୍ୱୟମ୍ବର କରିବାକୁ ଘୋଷଣା କଲେ । ସ୍ୱୟମ୍ବର ପୂର୍ବରୁ ରାଜକୁମାର ସୁଦର୍ଶନଙ୍କ ସହ ବିବାହ ହେଉଥିବା ସୁବାହଙ୍କ ଝିଅ ସ୍ୱପ୍ନରେ ଦେଖିଥିଲେ ।ଏ ନେଇ ରାଜକୁମାରୀ ଏହି କଥା ପିତାଙ୍କୁ କହିଲେ । କାଶୀ ନରେଶ ଯେତେବେଳେ ଏହି କଥା ସ୍ୱୟମ୍ବରରେ ଉପସ୍ଥିତ ରାଜା-ମହାରାଜାଙ୍କୁ କହିଲେ, ସମସ୍ତ ରାଜକୁମାର ସୁଦର୍ଶନଙ୍କ ବିରୋଧୀ ହୋଇଗଲେ ଏବଂ ଯୁଦ୍ଧ କରିବାକୁ ସୂଚନା ଦେଲେ । ରାଜକୁମାର ପ୍ରଥମେ ମା' ଭଗବତୀଙ୍କ ଆରାଧନା କଲେ ଏବଂ ବିଜୟର ଆଶୀର୍ବାଦ ମାଗିଲେ ।ଯୁଦ୍ଧରେ ରାଜକୁମାରଙ୍କ ବିରୋଧୀଙ୍କୁ ମା' ଭଗବତୀ ବଧ କଲେ । ଯୁଦ୍ଧରେ ଏତେ ରକ୍ତପାତ ହେଲା ଯେ ସେଠାରେ ରକ୍ତର କୁଣ୍ଡ ତିଆରି ହୋଇଗଲା, ଯାହା ଦୁର୍ଗା କୁଣ୍ଡ ନାମରେ ପ୍ରସିଦ୍ଧ । ଏହାପରେ ରାଜକୁମାର ସୁଦର୍ଶନଙ୍କ ବିବାହ ରାଜକୁମାରୀଙ୍କ ସାଥୀରେ ସମ୍ପନ୍ନ ହେଲା । ପୌରାଣିକ ମାନ୍ୟତା ଅନୁସାରେ, ମାତା ନିଜେ ସେଠାରେ ଆବିର୍ଭାବ ହୋଇଥିଲେ । ଏହି ମନ୍ଦିରରେ ମୂର୍ତ୍ତି ସ୍ଥାପନା କରାଯାଇ ନାହିଁ । କେବଳ ଯନ୍ତ୍ରର ପୂଜା କରାଯାଏ । ଦୁର୍ଗା ମନ୍ଦିର ମଧ୍ୟ ସେହି ଶ୍ରେଣୀରେ ରହିଛି । ଏଠାରେ ମା'ଙ୍କ ଚରଣ ପାଦୁକା ପୂଜା କରାଯାଏ । କାଶୀର ଦୁର୍ଗା ମନ୍ଦିର ବିଷଯନ୍ତ୍ର ଉପରେ ଆଧାରିତ । ବିଷଯନ୍ତ୍ର ଅର୍ଥାତ୍ ଯାନ୍ତ୍ରିକ ସରଂଚନା, ଯାହା ୨୦ ଟି ପଥର ଶିଳାର ମୂଳଦୁଆ ଉପରେ ଅବସ୍ଥିତ ।






# ନିରାମିଷ କିମା



କିମା ପରି ଖାଦ୍ୟର ନାଁ ଶୁଣିଲେ ଏହା ନିଶ୍ଚୟ ଆମିଷ ହୋଇଥିବ ବୋଲି ଅନେକେ ଭାବିନିଅନ୍ତି । ହେଲେ ଯେଉଁମାନେ ନିରାମିଷାଶୀ, ସେମାନେ ମଧ୍ୟ କିମାର ମଜା ନେଇପାରିବେ । ନିରାମିଷ କିମା ପ୍ରସ୍ତୁତ କରିବା ଯେତିକି ସହଜ, ସେହିସରି ସୁସ୍ୱାଦୁ ଏବଂ ପୁଷ୍ଟିକର କହୋଇଥାଏ ।

ବ୍ୟସ୍ତ ଜୀବନରେ ରବିବାରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ !

**ଆବଶ୍ୟକ ସାମଗ୍ରୀ :**

ଛୋଟ ଛୋଟ କଟା ହୋଇଥିବା ଫୁଲକୋବି ଗୋଟିଏ, ୭-୮ ଟି ବିନ୍, ୭-୮ଟି ଛତୁ, ଦୁଇଟି ଗାଜର, ଦୁଇଟି ଟମାଟୋ, ୨-୩ଟି କଂଚାଲଙ୍କା ଏବଂ ଅଦା ଖଣ୍ଡେ ୧ କପ୍ ସିଝା ଗ୍ରୀନ୍ ମଟର, ମଧ୍ୟମ ଧରଣର ଏକ ପିଆଜ ସରୁସରୁ କଟା ହୋଇଥିବ, ରସୁଣ ପେଷ୍ଟ, ଗୋଟିଏ ଗୁଜରାତି, ଖଣ୍ଡେ ଡାଲଚିନି, ୧ ଚାମଚ ଧନିଆ ଗୁଣ୍ଡ, ୧ଚାମଚ ହଳଦି ଗୁଣ୍ଡ, ଅଧା ଚାମଚ ଲେଖାଏଁ ଗରମ ମସଲା ଗୁଣ୍ଡ, ଲଙ୍କା ଗୁଣ୍ଡ, ୨ ବଡ ଚାମଚ ରିଫାଇନ୍ ବା ସୂର୍ଯ୍ୟମୁଖୀ ତେଲ, ଦୁଇ କପ୍ ପାଣି, ସ୍ୱାଦାନୁସାରେ ଲୁଣ ।

**ପ୍ରସ୍ତୁତି :**

ଏକ ପାତ୍ରରେ ତେଲ ଗରମ କରନ୍ତୁ । ଏଥିରେ ପିଆଜ ପକାଇ ଭାଜିବା ସହ ଅଦା ରସୁଣ ପେଷ୍ଟ ପକାନ୍ତୁ ଏବଂ ସବୁ ମସଲା ଏଥିରେ ପକାଇ ହାଲ୍କା କଷିବେ । ଶେଷରେ ଟମାଟୋ ଓ ଗରମ ମସଲା ଗୁଣ୍ଡ ପକାଇବେ । କଷି ହୋଇଗଲେ ଗ୍ରୀନ୍ ମଟର ଛାଡି ଅନ୍ୟ ସବୁ କଟା ପରିବା ସେଥିରେ ପକାଇ ଟିକେ ଭାଜିବା ପରେ ଲୁଣ ଓ ପାଣି ଦେଇ ଘୋଡାଇଦେବେ । ପାଣି ଶୁଖିବା ପରେ ଏକ ପାତ୍ରକୁ ବାହାର କରି ସେଥିରେ ସିଝା ମଟର ମିଶାଇବା ସହ କଟା ଧନିଆପତ୍ର ପକାଇ ଦିଅନ୍ତୁ । ଏବେ ଗରମାଗରମ ପରିବା କିମା ପ୍ରସ୍ତୁତ ହୋଇଗଲା । ଏହାକୁ ରୁଟି, ପରଟା ନଚେତ ଭାତ ସହିତ ଖାଇହେବ ।

# ଟ୍ରମ୍ପ ପରିବାରର ଖାଦ୍ୟାଭ୍ୟାସ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପତ୍ନୀ ମେଲାନିୟା, କନ୍ୟା ଇଭାଙ୍କା ଓ ଜ୍ୱାଇଁ ଜାରେଡ୍ କୁଶନରଙ୍କ ସହିତ ଭାରତ ଗସ୍ତରେ ଆସିଛନ୍ତି । ସେମାନେ ଆଇଟିସି ମୌର୍ଯ୍ୟର ଗ୍ରାଣ୍ଡ ପ୍ରେସିଡେନ୍ସିଆଲ ସୁଟ୍ 'ଚାଣକ୍ୟ' ରେ ରହିବେ । ତେଣୁ ଟ୍ରମ୍ପ ଏବଂ ତାଙ୍କ ପରିବାରର ଖାଦ୍ୟଶୈଳୀ ଅନୁସାରେ ଖାଦ୍ୟ ପ୍ରସ୍ତୁତ କରିବାର ନିର୍ଦ୍ଦେଶ ଦିଆଯାଇଛି । ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଲେଟ୍ୟୁସ୍ ପରି ବିଭିନ୍ନ ସାଲାଡ ପତ୍ର, ଅଣ୍ଡା, ଚିକେନ୍ ବ୍ରେଷ୍ଟ, ଟମାଟୋ, ବେକନ୍, ରକ୍ଫର୍ଟ ଚିଜ୍ ଆଦି ସହିତ ପ୍ରସ୍ତୁତ ହୋଇଥିବା କବ୍ ସାଲାଡ ଏବଂ ସାମୁଦ୍ରିକ ଖାଦ୍ୟ ଖୁବ୍ ପସନ୍ଦ । ମାଛ, କଙ୍କଡା, ଚିଙ୍ଗୁଡି ଜାତୀୟ ଖାଦ୍ୟ ଖାଇବାକୁ ସେ ଭଲ ପାଆନ୍ତି । ସାମୁଦ୍ରିକ ଖାଦ୍ୟରେ ଉଚ୍ଚମାନର ପ୍ରୋଟିନ୍, ଆୟୋଡିନ୍, ବିଭିନ୍ନ ଭିଟାମିନ୍ ଏବଂ ଖଣିଜ ଲବଣ ପରି ଏକାଧିକ ପୋଷକ ତ୍ୱ ରହିଛି । ସାଲ୍ମନ, ଟ୍ରାଉଟ୍, ସାର୍ଡିନ୍, ଟୁନା ପରି ଫ୍ୟାଟ୍ଯୁକ୍ତ ମାଛ ବେଳେବେଳେ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥଶଏ । ଖାଦ୍ୟରେ ଓମେଗା-୩ ଫ୍ୟାଟି ଏସିଡ ଶରୀର ଏବଂ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା ବଢାଇବା ସହ ଏକାଧିକ ରୋଗର ଆଶଙ୍କା କମ୍ କରିଥାଏ । ମିଷ୍ଟାନ୍ନରେ ଚେରୀ-ଭାନିଲା ଆଇସ୍କ୍ରିମ ଟ୍ରମ୍ପଙ୍କର ପ୍ରିୟ ହୋଇଥିଲେ ବି ସେ ଚକୋଲେଟ୍ କ୍ୟାଣ୍ଡିଜ୍ ଖାଇବାକୁ ଅଧିକ ପସନ୍ଦ କରନ୍ତି । ଆମେରିକାର ପ୍ରଥମ ମହିଳା ମେଲାନିୟା ଟ୍ରମ୍ପ ଖୁବ୍ ସ୍ୱାସ୍ଥ୍ୟ ସଚେତନ । ସେ ଯେତେ ବ୍ୟସ୍ତ ଥିଲେ ମଧ ସ୍ୱାସ୍ଥ୍ୟକର ଜଳଖିଆ ଖାଇବାକୁ କେବେ ଭୁଲନ୍ତି ନାହିଁ । ଏଥିରେ ବିଭିନ୍ନ ପ୍ରକାର ଭିଟାମିନଯୁକ୍ତ ଖାଦ୍ୟ ରହିଥାଏ । ଫଳ ଏବଂ ପନିପରିବା ମେଲାନିୟାଙ୍କ ଖାଦ୍ୟରେ ଅଧିକ ପରିମାଣରେ ସାମିଲ ହୋଇଥିବା ବେଳେ ସେ କେବେ ଚର୍ବିଯୁକ୍ତ ଖାଦ୍ୟ ଖାଆନ୍ତି ନାହିଁ । ପର୍ଯ୍ୟାପ୍ତ ପାଣି ପିଇଥାନ୍ତି ସେ । ଟ୍ରମ୍ପ କନ୍ୟା ଇଭାଙ୍କାଙ୍କ କୋଶର ଡାଏଟ୍କୁ ଅନୁସରଣ କରୁଛନ୍ତି । ଜାରେଡ୍ କୁଶ୍ନରଙ୍କୁ ବିବାହ କରିବା ପରେ ସେ ଇହୁଦୀ ଧର୍ମ ଗ୍ରହଣ କରିଥିଲେ । ତେଣୁ ଏହି ଧର୍ମର ନିୟମ ଅନୁସାରେ ଇଭାଙ୍କା କୋଶର ଖାଦ୍ୟଶୈଳୀକୁ ଆପଣାଇଛନ୍ତି । ହିବ୍ରୁ ଶବ୍ଦ 'କାଶୀର'ରୁ କୋଶର ଶବ୍ଦ ସୃଷ୍ଟି ହୋଇଛି । କାଶୀର ଅର୍ଥ ଶୁଦ୍ଧ, ଉଚିତ ବା ଉପଭୋଗ ପାଇଁ ଉପଯୁକ୍ତ । କୋଶର ଖାଦ୍ୟ ଶୈଳୀ ସମ୍ପର୍କରେ ଇହୁଦୀ ପୁସ୍ତକ 'ତୋରାହ'ରେ ବର୍ଣ୍ଣନା କରାଯାଇଛି । ଏହି ଶୈଳୀ ଅନୁସାରେ ଖାଦ୍ୟ ପଦାର୍ଥ ଉତ୍ପାଦନଠାରୁ ପ୍ରସ୍ତୁତ ଯାଏ ବିଭିନ୍ନ ନିୟମ ରହିଛି । ଏହି ଶୈଳୀରେ ମାଂସ ଏବଂ କ୍ଷୀରକୁ ଏକାଠି ସେବନ ତ ଦୂର, ଏକାଠି ପରଷା ଯାଇ ପାରିବ ନାହିଁ । ଜଳଖିଆରେ ଉଚ୍ଚ ତନ୍ତୁଯୁକ୍ତ ଖାଦ୍ୟ, ୨୦୦ ମିଲି ସ୍କିମ୍ଡ କ୍ଷୀର ଏବଂ ଛୋଟ ଚାମଚରେ ୧ ଚାମଚ ଚିନି ଖାଇବା ଜରୁରୀ । ଦ୍ୱିପହର ଖାଦ୍ୟରେ ଦୁଇପଟ ବ୍ରେଡ୍, ଦୁଇ ପିସ୍ ଚିକେନ୍, ସାଲାଡ, ଗୋଟିଏ ଫଳ, ନିଜ ପସନ୍ଦର ପାନୀୟ ଏବଂ ଅଲିଭ୍ ତେଲରେ ପ୍ରସ୍ତୁତ ହୋଇଥିବା କିଛି ଖାଦ୍ୟ ଖାଇପାରିବେ । ରାତ୍ରି ଭୋଜନରେ ପରିବା ତରକାରି ଏବଂ ଚିକେନ୍ ଖାଇବାର କିଛି ସମୟ ପରେ ନିଜ ପସନ୍ଦର ପାନୀୟ ଏବଂ ୨-୩ ଟି ଓଟ୍ସ ଓ କୋଶର ଚିଜ୍ରେ ପ୍ରସ୍ତୁତ କେକ୍ ଖାଇଥାନ୍ତି ।

# ବୃକ୍ଷର ଶୁଭାଶୁଭ

ଘର ଚାରିପଟେ ଗଛ ରହିବା ଭଲ । ଏହା ପାରିପାର୍ଶ୍ୱିକ ବାତାବରଣକୁ ଶୁଦ୍ଧ ରଖେ ଓ ମାନସିକ ଶାନ୍ତି ପ୍ରଦାନ କରେ । ଆଜିକାଲି ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଲୋକେ ବିଭିନ୍ନ ପ୍ରକାର ଫୁଲ ଓ ଫଳଗଛ ଘରେ ଚାରିପଟେ ଲଗାଉଛନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ ସବୁ ଗଛର ସ୍ୱତନ୍ତ୍ର ମହ୍ୱ ଓ ଶକ୍ତି ରହିଛି । କିଛି ଗଛ ଘର ଏବଂ ସେଠାରେ ରହୁଥିବା ପରିବାରକୁ ଶୁଭଫଳ ଦେଉଥିବା ବେଳେ କିଛି ଗଛ ଓଲଟା ଫଳ ପ୍ରଦାନ କରନ୍ତି, ତେଣୁ ଘର ଓ ପରିବାରର ମଙ୍ଗଳ ପାଇଁ ଏ ଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯିବା ଉଚିତ । ଡାଳିମ୍ବ, ପଣସ, ନଡିଆ, ଆମ୍ବ, ଅଁଳା, ଅମୃତଭଣ୍ଡା ପ୍ରଭୃତି ଫଳଗଛ, ଚମ୍ପା, ଅଶୋକ, ଟଗର, ବଉଳ ଆଦି ଫୁଲଗଛ ଗୃହ ପାଇଁ ମଙ୍ଗଳକାରକ । ତେବେ କଇଥ, ତେନ୍ତୁଳି ପରି କିଛି ଫଳ ଏବଂ କଦମ୍ବ, ଧଳା ଅପରାଜିତା ପରି କିଛି ଫୁଲଗଛ ଘର ପାଇଁ ଅଶୁଭ । ପୂର୍ବଦିଗରେ ଅଶ୍ୱ ଗଛ ଥିଲେ ଘର ଏବଂ ସେଠାରେ ରହୁଥିବା ପରିବାର ପାଇଁ ବିପଦ ସୃଷ୍ଟି କରେ ଏବଂ ଆର୍ଥିକ ସଙ୍କଟ କାରଣ ହୁଏ । ସେହିପରି ପଶ୍ଚିମ ଦିଗରେ ଥିବା ବରଗଛ ଘର ପାଇଁ ବିପଦ ଡାକି ଆଣେ । ଉ ରରେ ଉଦୁମ୍ବର ଗଛର ଅବସ୍ଥିତି ମୃତ୍ୟୁ ଭୟର କାରଣ ହୁଏ । ଈଶାଣ କୋଣରେ ରକ୍ତପୁଷ୍ପ, ଅଗ୍ନିକୋଣରେ ଅରଖ ପରି କ୍ଷୀରଗଛ, ନୈଋତ କୋଣରେ କ[ାଗଛ ଓ ବାୟବ୍ୟ କୋଣରେ ଶିମୁଳି ଗଛ ଘର ତଥା ଘରେ ବସବାସ କରୁଥିବା ଲୋକଙ୍କ ପାଇଁ ବିପଦଜନକ । ଅଁଳା, ତୁଳସୀ, ନଡିଆ, ଲିମ୍ବ ଓ ଆଶୋକ ପରି କିଛି ଗଛର ଛେଲି, ପତ୍ର ଓ ଫୁଲର ଔଷଧୀୟ ଗୁଣ ରହିଛି । ଆୟୁର୍ବେଦରେ ବିଭିନ୍ନ ରୋଗ ନିବାରଣ ପାଇଁ ଏଗୁଡିକୁ ବ୍ୟବହାର କରାଯାଏ, ତେଣୁ ସେଗୁଡିକ ବାଡି ବା ଅଗଣାରେ ରହିଲେ ଶୁଭଫଳ ପ୍ରଦାନ କରିବା ସହ ବେଳ ଅବେଳରେ କାମକୁ ଆସନ୍ତି ।














# କର୍କଟ ଚିକିତ୍ସା କରିବ ରୋବୋଟ୍



ବୈଜ୍ଞାନିକମାନେ 'ଜେନୋବୋଟ୍ସ' ନାମରେ ଏକ ନୂଆ ରୋବୋଟ୍ ତିଆରି କରିଛନ୍ତି ଯିଏ କ୍ୟାନ୍ସର ଚିକିତ୍ସା କରିବ । ଏହାକୁ ଲିଭିଙ୍ଗ୍ ରୋବୋଟ୍ ସଂଜ୍ଞା ଦିଆଯାଇଛି । ସମୁଦ୍ରରୁ ମାଇକ୍ରୋପ୍ଲାଷ୍ଟିକ୍ ହଟାଇବା ପାଇଁ ମଧ ଏହି ରୋବୋଟ୍ ବ୍ୟବହାର କରାଯାଇପାରିବ । ଆମେରିକାର ବୈଜ୍ଞାନିକମାନେ ରୋବୋଟ୍କୁ ବେଙ୍ଗର ଷ୍ଟେମ୍ ସେଲ୍ରୁ ତିଆରି କରିଛନ୍ତି । ଏହାର ଆକାର ଏକ ମିଲିମିଟର (୦.୦୦୪ଇଂ) ରୁ ମଧ୍ୟ କମ୍ । ଏହା ମଣିଷ ଶରୀର ମଧରେ ସହଜରେ ଚଲାବୁଲା କରିପାରିବ । ଜେନୋବୋଟ୍ସ ଅନେକ ସପ୍ତାହ ପର୍ଯ୍ୟନ୍ତ ନ ଖାଇ ବଂଚିପାରିବ । ଡାକ୍ତରଙ୍କ ମତରେ ଆକାର ଛୋଟ ହୋଇଥିବା ଯୋଗୁ ଶରୀର ମଧରେ ଔଷଧ ପହଂଚାଇବା ପାଇଁ ଜେନୋବୋଟ୍ସକୁ ବ୍ୟବହାର କରାଯାଇପାରିବ । ରୋବୋଟ୍ ମଣିଷ ଶରୀରରେ ଭାଙ୍ଗିଗଲେ ମଧ ଆପେ ଆପେ ଯୋଡି ହୋଇଯିବ । ଆଶ୍ଚର୍ଯ୍ୟର କଥା ବିନା ମସ୍ତିଷ୍କ ଓ ଗୋଡରେ ଏହି ରୋବୋଟ୍ ତିଆରି ହୋଇଛି । ଜେନୋବୋଟ୍ସ ଦେଖିବାକୁ ଗୋଲାପି ମାଂସ ପିଣ୍ଡୁଳାର ଛୋଟ ଆକୃତି ଭଳି ବୈଜ୍ଞାନିକ ଭାଷାରେ ଏହା ଏକ ବାୟୋଲଜିକାଲ୍ ମେଶିନ୍ ।

# କମ୍ ବୟସରେ ମେଦବୃଦ୍ଧି ମସ୍ତିଷ୍କକୁ ସଙ୍କୁଚିତ କରେ



ସାଧାରଣତଃ ମେଦବୃଦ୍ଧି, ଡାଇବେଟିସ୍, ଉଚ୍ଚ ରକ୍ତଚାପ ଏପରି କି ନିଶାଦ୍ରବ୍ୟ ସେବନ ମସ୍ତିଷ୍କ ସଙ୍କୋଚନର ଗୋଟିଏ ଗୋଟିଏ କାରଣ । ସନ୍ତୁଳିତ ଖାଦ୍ୟ ନ ଖାଇଲେ କିମ୍ବା ନିୟମିତ ବ୍ୟାୟାମ ନ କଲେ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ । ଆଉ ଏହା ଦ୍ୱାରା ମସ୍ତିଷ୍କ ସିଧାସଳଖ ପ୍ରଭାବିତ ହୋଇଥାଏ ବୋଲି ଆମେରିକାସ୍ଥିତ ବୋଷ୍ଟନ୍ ୟୁନିଭର୍ସିଟିର ସ୍କୁଲ ଅଫ୍ ମେଡିସିନ୍ର ବିଶେଷଜ୍ଞମାନେ କହିଛନ୍ତି । ସେମାନଙ୍କ ଦ୍ୱାରା ହୋଇଥିବା ଗବେଷଣାରେ ୧୫୮୩ ଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା । ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ପ୍ରତିଦିନ ସେମାନଙ୍କର ଟ୍ରେଡ୍ମିଲ୍ ପରୀକ୍ଷା କରାଯାଉଥିଲା । ଶେଷରେ ଜାଣିବାକୁ ମିଳିଥିଲା ଯେ, ଜଣେ ବ୍ୟକ୍ତି ଯଦି ସବୁ ଦୃଷ୍ଟିରୁ ଫିଟ୍ ନ ରୁହନ୍ତି ତେବେ ତାଙ୍କର ମସ୍ତିଷ୍କ ସଙ୍କୁଚିତ ହେବାର ଆଶଙ୍କା ଅଧିକ ରହିଥାଏ । ବିଶେଷ କରି ଏହିପରି ସମସ୍ୟା ଛୋଟବେଳୁ ହୋଇଥାଏ ବୋଲି ମତ ପ୍ରକାଶ ପାଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ୱୀକାରୋକ୍ତି...

ପ୍ରଥମ ଥର ପାଇଁ ପାକିସ୍ତାନ ସରକାର ସ୍ୱୀକାର କରିଛନ୍ତି ଯେ, ୧୯୯୩ ମସିହା ବମ୍ବେ ସିରିଜ ବୋମା ବିସ୍ଫୋରଣର ମୁଖ୍ୟ ସୂତ୍ରଧର ଦାଉଦ ଇବ୍ରାହିମ ସେ ଦେଶ (କରାଚି)ରେ ରହୁଛି । କେବଳ ସେତିକି ନୁହେଁ, ପାକିସ୍ତାନ ସରକାରଙ୍କ ତରଫରୁ ଯେଉଁ ୮୮ ଜଣ କୁଖ୍ୟାତ ଆତଙ୍କବାଦୀଙ୍କ ତାଲିକା ପ୍ରକାଶ ପାଇଛି ଓ ଯେଉଁମାନେ ସେ ଦେଶର ଆଶ୍ରୟ ଓ ପ୍ରଶ୍ରୟରେ ଏବେସୁଦ୍ଧା ସୁରକ୍ଷିତ ରହିଆସିଛନ୍ତି ସେମାନଙ୍କ ମଧ୍ୟରେ ୨୬/୧୧ ମୁମ୍ବାଇ ଆକ୍ରମଣର ମୁଖ୍ୟ ରଚନାକାର ତଥା ଲସ୍କର-ଏ-ତୋଇବା କମାଣ୍ଡର ଜାକି-ଉର-ରହମନ ଲଖଭି, ଜାମାତ-ଉଦ-ଦାୱା ମୁଖ୍ୟ ହାଫିଜ ସୟିଦ, ପୁଲୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଓ ଜୈସ-ଇ-ମହମ୍ମଦର ମୁଖ୍ୟ ମୌଲାନା ମାସୁଦ ଆଝାର ଆଦିଙ୍କ ନାମ ରହିଛି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାକିସ୍ତାନ ସରକାର ବିଜ୍ଞପ୍ତି ଜାରି କରିଛନ୍ତି । ଏତେଦିନ ଧରି ଏହି ସତ୍ୟକୁ ଲୁଚାଇ ରଖିଥିବା ପାକିସ୍ତାନ ସରକାର ହଠାତ୍ ଏଭଳି ସାଧୁ ପାଲଟିଯିବାର କାରଣ ସମସ୍ତଙ୍କୁ ବିସ୍ମିତ କରିଛି । ତେବେ ଏହାର ଏକମାତ୍ର କାରଣ ହେଲା, ପ୍ୟାରିସ ସ୍ଥିତ ଏଫଏଟିଏଫ (ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ) ଏବେ ପାକିସ୍ତାନ ବେକରେ ଯେଉଁ ଚମଦଉଡ଼ି ପକାଇ ଭିଡ଼ି ଧରିଛି ସେଥିରୁ ମୁକୁଳିବାର ଅନ୍ୟ କୌଣସି ଉପାୟ ନପାଇ ଇମ୍ରାନ ଖାଁ ସରକାର ଏହି ସତ୍ୟ ସ୍ୱୀକାର କରିବାକୁ ବାଧ ହୋଇଛନ୍ତି । ଏହା ଭାରତ ପାଇଁ ଏକ ବିରାଟ କୂଟନୈତିକ ବିଜୟ ବୋଲି କୁହାଯାଇପାରେ । କାରଣ ଜାତିସଂଘ ଦ୍ୱାରା ବିଶ୍ୱ ଆତଙ୍କବାଦୀ ଘୋଷିତ ଏହିସବୁ ଆତଙ୍କବାଦୀ ପାକିସ୍ତାନରେ ଅଛନ୍ତି ଓ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଭାରତ ଇସଲାମାବାଦ କର୍ତ୍ତୃପକ୍ଷଙ୍କ ନିକଟରେ ଯେତେ ଅଭିଯୋଗ କଲେ ସୁଦ୍ଧା, ପାକିସ୍ତାନ ସେଥିପ୍ରତି ଆଦୌ କର୍ଣ୍ଣପାତ କରୁନଥିଲେ । ଏପରିକି ଏହାକୁ ରୀତିମତ ଫାଙ୍କି ଆସୁଥିଲେ । କିନ୍ତୁ ଏଫଏଟିଏଫ ଏହିସବୁ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ପାକିସ୍ତାନକୁ ବାରମ୍ବାର ଚେତାବନୀ ଦେବା ସହ ୨୦୧୮ ମସିହାଠାରୁ ସେ ଦେଶକୁ 'ଗ୍ରେ ତାଲିକାଭୁକ୍ତ' କରୁଛି । ତେଣୁ ପାକିସ୍ତାନ ସରକାର କୌଣସି ଅନ୍ତଃରାଷ୍ଟ୍ରୀୟ ଆର୍ଥିକ ସଂସ୍ଥାଙ୍କଠାରୁ ଆର୍ଥିକ ସାହାଯ୍ୟ କିମ୍ବା ଋଣ ଉଠାଣରେ ଏବେ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମୟ ସୀମା ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ରହିଛି । ସେଇ ସମୟ ମଧ୍ୟରେ ପାକିସ୍ତାନ ସରକାର ଏଭଳି କୁଖ୍ୟାତ ଆତଙ୍କବାଦୀ ତଥା ସେମାନଙ୍କ ଦ୍ୱାରା ପରିଚାଳିତ ସଂସ୍ଥାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ କଳା ତାଲିକାଭୁକ୍ତ ହେବା ସୁନିଶ୍ଚିତ । ସୂଚନାଯୋଗ୍ୟ ଯେ, ପାକିସ୍ତାନକୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଆତଙ୍କବାଦ ପ୍ରସଂଗକୁ ନେଇ ଏକଘରିକିଆ ଓ ବାସନ୍ଦ କରିବା ଲାଗି ଭାରତ ଆପ୍ରାଣ ପ୍ରୟାସ ଚଳାଇ ଆସୁଛି । ଏହା ତା'ର ପରିଣାମ ବୋଲି କହିବା ଅତ୍ୟୁକ୍ତି ହେବନାହିଁ । ଅନ୍ୟଥା ଦୀର୍ଘ ୨୭ବର୍ଷ ପରେ ଦାଉଦ ଇବ୍ରାହିମର ଠିକଣା ପାକିସ୍ତାନ ସରକାର ସ୍ୱୀକାର କରିନଥାନ୍ତା । ତେଣୁ ଏଫଏଟିଏଫ ନଜର ଓ ରୋଷରୁ ରକ୍ଷାପାଇବା ପାଇଁ ପାକିସ୍ତାନର ଏହା ଏକ ମସୁଧା । ତେବେ ଲକ୍ଷ୍ୟ କରିବା କଥା, କେବଳ ସ୍ୱୀକାରୋକ୍ତି ନୁହେଁ, ଏହିସବୁ ଆତଙ୍କବାଦୀଙ୍କ ବିରୋଧରେ ପାକିସ୍ତାନ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ନିୟମାନୁସାରେ, ଏବେ ପାକିସ୍ତାନ ସରକାର ସେହିସବୁ ଆତଙ୍କବାଦୀଙ୍କୁ ତୁରନ୍ତ ଗିରଫ କରିବା କଥା । କେବଳ ସେତିକି ନୁହେଁ, ସେମାନଙ୍କ ସବୁ ବ୍ୟାଙ୍କ ଆକାଉଣ୍ଟର ସଂପର୍କିତ ସବୁ ତଥ୍ୟ ସୂଚନା ଅନ୍ୟ ରାଷ୍ଟ୍ରଙ୍କ ସହ ବାଣ୍ଟିବା ମଧ୍ୟ ଆବଶ୍ୟକ । ପାକିସ୍ତାନ ଯେ ଏପରି କରିବ ସେ ପ୍ରତ୍ୟାଶା ରଖିବା ବୃଥା । କାରଣ, ଏଭଳି ତାଲିକା ପ୍ରକାଶ ପୂର୍ବରୁ ସେ ଦେଶ ସରକାର ପାକିସ୍ତାନର ସବୁ ରାଜନୈତିକ ଦଳ, ସେନାବାହିନୀ ଓ ମୌଳବାଦୀ ଗୋଷ୍ଠୀଙ୍କ ମତାମତ ନେଇଛନ୍ତି । କେବଳ ଏଫଏଟିଏଫ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପରେ ପାକିସ୍ତାନ ତା'ର ଅସଲ ସ୍ୱରୂପ ଓ ସ୍ୱାଭାବ ପ୍ରଦର୍ଶନ କରିବା ଅସମ୍ଭବ ନୁହେଁ । କିନ୍ତୁ ବିଶ୍ୱ ଏବେ ପାକିସ୍ତାନର ମୁଖାହୀନ ଚେହେରାକୁ ଭଲଭାବେ ଦେଖିପାରିଛି । ଦୁର୍ନୀତି, ଅନ୍ୟାୟ ଓ ହିଂସାର ମୂଳୋତ୍ପାଟନ ପାଇଁ ଗଳା ଫଟାଇ ଚିତ୍କାର କରୁଥିବା ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ଅସଲ ଚେହେରା ମଧ୍ୟ ଜଳଜଳ ହୋଇ ଦିଶୁଛି । ତେଣୁ ପାକିସ୍ତାନ ତା'ର ଆତଙ୍କବାଦ ଶିଳ୍ପକୁ ବନ୍ଦ୍ କରିଦେଇ ଏକ ସଭ୍ୟ ଓ ଶାନ୍ତିପୂର୍ଣ୍ଣ ରାଷ୍ଟ୍ରରେ ପରିଣତ ହେବା ଆଶା କରିବା ବୃଥ । ବରଂ, ଉତ୍ତରକୋରିଆ ଏବଂ ଇରାନ ଭଳି ପାକିସ୍ତାନକୁ ଜବତ କରିବାର ଏକମାତ୍ର ସୁଯୋଗ ହେଲା ଏହାକୁ କଳା ତାଲିକାଭୁକ୍ତ କରିବା । ସେ ସୁଯୋଗ ଏଫଏଟିଏଫ ହାତଛଡ଼ା ନକରୁ ।




## କଲମ ବନ୍ଧୁ

### ପ୍ରିୟଦର୍ଶିନୀ ମହାପାତ୍ର

ଜୀବନର ବ୍ୟସ୍ତତାରେ ସିନା
ରହିଥାଏ ମୁଁ ଯେ ବାନ୍ଧି
ତା ଭିତରୁ ମତେ ଥରେ ଅଧେ ହେଉ
ଭିଡ଼ି ଆଣି କରେ ବନ୍ଦୀ ।

ହାତ ମୋର ଧରି ସାଥୀ ମୋର ହୋଇ
କରେ ସେ ଆହ୍ୱାନ ମତେ
ଲେଖିଦବା ପାଇଁ ଏ ମନରେ ଅଛି
ସାଇତା ଭାବନା ଯେତେ ।

କେଜାଣି କେମିତି ନିରଳାରେ
ତା ସହ ମୋ ଏକାକୀ କଥା
ଆସିଯାଏ କେତେ ଅସରନ୍ତି ଶବ୍ଦ
କେବେ ପ୍ରେମ କେବେ ବ୍ୟଥା ।

ସମାଲୋଚନା କେବେ କଟୁକଥା
କେବେ ପୁଣି ନୀତିବାଣୀ
କେବେ ସୁଖ କେବେ ବିରହ ବେଦନା
କେବେ ପ୍ରକୃତିର ବିବରଣୀ ।

ସମୟର ଅପଚୟ ହେଉ ଅବା
ଗୁଡ଼ାଏ ଆଳାପ ଭାବି
ଦୂରେଇ ରହେ ମୁଁ କଲମକୁ ହେଲେ
ଆସୁଥାଏ କେତେ ଛବି ।

ମୋ କଲମବନ୍ଧୁ ଆସି ଧୀରେ ଧୀରେ
କହିଯାଏ ଗୋଟେ କଥା
କବି ନଥିଲେ ବି କବିତା ରହିବ
ଗାଇବାକୁ ତାର ଗାଥା ।

ମୋ ଭାବନା ସବୁ କବିତା ଗୀତିରେ
ଝରାଇ ଦିଏ ସେ ମଧୁ
ବ୍ୟସ୍ତତା ଭିତରେ କେହି ନ ଥିଲେ ବି
କଲମ ମୋହର ବନ୍ଧୁ ।


+ (ଶିକ୍ଷୟିତ୍ରୀ)
ଜୟଦେବ ବିହାର, ପୋଲିସ କଲୋନୀ
ଭୁବନେଶ୍ୱର


# ସେବା ଓ ଶାନ୍ତିର୍ ଦେବୀ- ମଦର୍ ଟେରେସା


ଅକ୍ଷୟ କୁମାର ରାଉତ




ଦୁଃସ୍ଥ, ପୀଡିତ, ଦଃଖି ଓ ରଙ୍କି ମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ। ଏହି ପ୍ରବୃତି ଯେଉଁ ପୁରୁଷ ଓ ନାରୀ ମାନଙ୍କଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହି ଭଳି ଜଣେ ସେବା ଓ ଶାନ୍ତିର ଦେବୀ। ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ। ସେ ସମସ୍ତ ବିକାର ଓ ଘୃଣାକୁ ଭୂଲି ଲାଗି ପଡନ୍ତି ପିଡୀତର ସେବାରେ। ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗିର ସେବା କରନ୍ତି। ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ(ୟୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହ କରିଥିଲେ। ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥିଲିକ ଖ୍ରୀଷ୍ଟିୟାନ। ସେମାନଙ୍କ ପାଂଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତଥିଲେ। ବଡ ପୁତ୍ର ଲାଜର, ମଧ୍ୟମକନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା)।

ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିଦ୍ ଓ ରାଜନୀତି ସଚେତନ ବ୍ୟକ୍ତି। ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା। ବିଧବା ମାଆ ବହୁ ବାଧାବିଘ୍ନ ସ୍ୱତେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ। ଦାରିଦ୍ର ଜାଳ ଜନିତ ସମସ୍ତ ଦୁର୍ଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ। ଘର କାମରେ ସେ ମାଆଙ୍କୁ ସର୍ବଦା ସାହଯ୍ୟ କରୁଥିଲେ।

ସେ ଛୋଟବେଳରୁ ସତ୍ୟ, ଶାନ୍ତି,ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ। ନିୟମିତ ଗିର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରିଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତି ଦିନ କାମ।

ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା। ମାତାଙ୍କ ଅନୁମତି ନେଇ ସେ ଲୋରେଟୋ ସିଷ୍ଟରମାନଙ୍କ ସହ ଯୋଗ ଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗ ଦେଇ ନନ୍ ତାଲିମ ନେଲେ। ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ । ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମ କରଣ କରାଗଲା ସିଷ୍ଟର ଟେରେସା। ୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ୍ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ। କିନ୍ତୁ ଦୁଃସ୍ଥ ଓ ପିଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା। ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ। ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ। ହାତରେ ପାଂଚ ଟଙ୍କା ଧରି ବସ୍ତଲୋକଙ୍କର ସେବା ଆରମ୍ଭ କରିଦେଲେ। ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସ ତାଲିମ ନେଲେ। ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ ' ମିଶନାରିଜ୍ ଅଫ ଚ୍ୟାରିଟି' । ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା।

୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେ ବାସଦନ। ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶ୍ରୁଷା । ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ। ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ। ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ। ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦ ତଳେ ପଡି କ୍ଷମାଭିକ୍ଷାକଲେ। ବହୁ ଲୋକ ସହଯୋଗର ହାତ ବଢାଇଦେଲେ।

ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯିଶୁଙ୍କୁ ଦେଖିଥାଆନ୍ତି। ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତବ୍ୟ। 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନକଲେ ପ୍ରେମଦାନ ଓ ଶାନ୍ତନଗର। ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ। ମଦର ଟେରେସାଙ୍କର ସେବା କରିବାର ପରିଷର ଅତି ବ୍ୟାପକ। ଗରିବ, ଦୁଃସ୍ଥ, ବୁଭୁକ୍ଷ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଇଦୀମାନଙ୍କର ସେବା ପୁର୍ନବାସ ପାଇଁ ମଦର ଟେରେସା ଲାଗିପଡିଥିଲେ।

ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା। ମଦର ଟେରେସା ତାଙ୍କ ଅସାଧାରଣ ସେବା କାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା' ରାମୋନ୍ ମାଗ୍‌ସେସେ ପୁରସ୍କାର'। ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ ଉଡଓଓଓ ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆୱାର୍ଡ ' ' ଜନ୍ ଏଫ. କେନେଡି ଇନଟରନେସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', ' ଟେମ୍ପଲ୍‌ଟନ୍ ପୁରସ୍କାର', ' ମେଟେର୍ ଏଟ୍ ମାଜିଷ୍ଟ୍ରା ଆୱାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ୍ ଫ୍ରାନ୍‌ସିସ୍ ଅଫ୍ ଆସ୍କିସି' ପୁରସ୍କାର ପାଇଥିଲେ। ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତାପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ' ଭାରତରତ୍ନ' ପାଇଲେ। କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରଖରେ ମଦର ଟେରେସାଙ୍କୁ 'ଆଲବେନିଆ ସ୍ୱର୍ଣ୍ଣ ସମ୍ମାନ' ପ୍ରଦାନ କରିଥିଲେ। ୧୯୯୬ ମସିହରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ।

ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା। ଟେରେସାଙ୍କୁ ମିଶନାରୀଜ୍ ଅଫ ଚାରିଟି ' ର 'ହେଡକ୍ୱାଟର ' ମଦର ହାଉସକୁ ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।


+ ପାରାଦ୍ୱୀପଗଡ,କୁଜଙ୍ଗ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫


# ମଧୁବାବୁଙ୍କ ଏନ୍ତୁଡିଶାଳ, ସ୍ୱର୍ଣ୍ଣ କଙ୍କଣ ଓ ବୃଦ୍ଧ ବ୍ୟାଘ୍ର


ଡାଃ ସୁରେନ୍ଦ୍ର ନାଥ ଦାଶ




ଗପ ର ଏଭଳି ଏକ ଅଦ୍ଭୁତ ନାଁ ଶୁଣି ଆପଣ ମାନେ ଅଥୟ ହୋଇ ଯିବେଣି । ବିଷୟ ବସ୍ତୁ କଣ? ଓଡିଶା ପ୍ରଦେଶର-ପ୍ରାଣଦାତା , କୁଳବୃଦ୍ଧ ମଧୁବାବୁ ଙ୍କ ସହ ବ୍ୟାଘ୍ର ଓ କଙ୍କଣର ସଂପର୍କ କଣ? ସେ ଏକ ଅଙ୍ଗେ ନିଭାଇବାର କାହାଣୀ । ଏହି ସାହିତ୍ୟ ଜଗତର କଥା । ଭୁଲେ ଭାଲେ ସରଳ ସାହିତ୍ୟକ ମାନଙ୍କୁ ଧୂର୍ତ୍ତ ପ୍ରକାଶକ ମାନେ କିପରି ପାଣି ପିଆନ୍ତି ତାଆରି ସତ୍ୟ ଉପସ୍ଥାପନା ।

କଟକ କେନ୍ଦ୍ରାପଡା ରାସ୍ତାରେ, କଟକ ଆଡୁ ପନ୍ଦର କିଲୋମିଟର ଗଲାପରେ ବହୁଗ୍ରାମ ଆଗରୁ ପାଗା ଛକ ପଡେ । ପାଗାର ପରିବା ହାଟ କଥା ସାରା ଓଡିଶାରେ ଜଣା । ବର୍ତ୍ତମାନ ପାଠୁଆ ଲୋକ ମାନେ ତାକୁ ମଧୁ ଛକ ବୋଲି କହୁଛନ୍ତି । ସେଠାରେ ଉତ୍କଳ-ଗୌରବ ମଧୁବାବୁଙ୍କର ପ୍ରତିମୂର୍ତ୍ତି ଟିଏ ବସା ଯାଇଛି ଓ ମଧୁ ବାବୁ ଙ୍କ ଏଁତୁଡି ଶାଳକୁ ରାସ୍ତା ବୋଲି ଉତ୍ତର ଦିଗ କୁ ତୀର ଚିହ୍ନ ଥାଇ ବୋର୍ଡ ଟିଏ ଲାଗିଛି । ମଧୁ ବାବୁଙ୍କୁ ଏ ଜାତିର ପାଠୁଆ ଲୋକମାନେ ପ୍ରାୟ ଭୁଲି ଯାଇଥିଲେ । ସେ ଇଂରେଜ ମାନଙ୍କର ବନ୍ଧୁ ଥିବାରୁ, ସ୍ୱାଧିନତା ପରେ ସେ ଓ ତାଙ୍କର ବନ୍ଧୁ କନିକା ରାଜାଙ୍କୁ ପ୍ରଚାରର ଆଢୁଆଳରେ ରଖାଗଲା । ବରଂ ଗାଁର ଲୋକମାନେ

ପାଠ ପଢିବି, ଓକିଲ ହେବି
ମଧୁବାବୁ ସଙ୍ଗେ ଲଢିବି, କାଳିଆ ଘୋଡାରେ ଚଢିବି

ବୋଲି ଗୀତ ଗାଇ ତାଙ୍କୁ ସବୁଦିନେ ମନେ ପକାଉଥିଲେ ।

ସମୟ ବଦଳି ଗଲା । ନୁଆ ସାହିତ୍ୟକ, ରାଜନେତା ମାନେ ସୃଷ୍ଟି ହେଲେ । ନିଜର ପ୍ରଚାର ପାଇଁ ନିଜ ଅଳର କେଉଁ କାଳରୁ ମରିହଜି ଯାଇଥିବା ଲକ୍ଷ୍ମି ପଣ୍ଡା ମାନଙ୍କୁ ଖୋଜାଗଲା । ତାଙ୍କ ପ୍ରତିମୂର୍ତ୍ତି ମାନ ତିଆରି ହେଲା । ମହା ଆଡମ୍ବରରେ ଜନ୍ମ ଦିନ, ଶ୍ରାଦ୍ଧ ଦିବସ ମାନ ପାଳନ କରାଗଲା । ଭାଷଣ ମାନ ଦିଆଗଲା । ଖବର କାଗଜ ଓ ଟିଭିରେ ବିସ୍ତୃତ ବିବରଣୀମାନ, ବାବୁ ମାନଙ୍କ ଫଟୋ ସହ ବାହାରିଲା । ସେମାନଙ୍କ ଦାୟାଦ ବାବୁଲା ପଣ୍ଡା ମାନଙ୍କୁ ଖୋଜାଯାଇ ଉତ୍ତରୀୟ ମାନ ଦିଆଗଲା। ସରକାର କିପରି ଜାତିର ପରଲୋକ ଗତ ସୁଯୋଗ୍ୟ ସନ୍ତାନ ମାନଙ୍କୁ ଭୂଲି ଯାଇଛି, ସେକଥା ମନେପକାଇ ସେମାନଙ୍କର ଏନ୍ତୁଡି ଶାଳ ପୁନ୍ନଉଦ୍ଧାର ନହେଲେ ଜନ ଆନ୍ଦୋଳନ ହେବ ବୋଲି କୁହାଗଲା । ବିଧାୟକ ଓ ସାଂସଦ ମାନେ ନିଜ ହାତପାଣ୍ଠିରୁ ଅର୍ଥ ଦେଇ, ରାଜ୍ୟ ସାରା ଅନେକ ପ୍ରତିମର୍ତ୍ତି ଠିଆ କରିଦେଲେ । ବର୍ଷରେ ଥରେ ଫୁଲମାଳ ଦେଇ ଅନେକ ଲୁହ ଗଡାଇଲେ। ପ୍ରତିମୂର୍ତ୍ତି ପାଖରେ ମଦ ବୋତଲ ପଡିଛି ବୋଲି ମେଡିଆ ଭାଇ ମାନେ ଫଟୋ ଉଠାଇଲେ ।

ମାହାଙ୍ଗାର ଗଣକବି ବୈଷ୍ଣବ ପାଣି, ଲଳିତ ଗିରିର ସନ୍ତୁ ଅରକ୍ଷିତ, ବହୁଗ୍ରାମର ମଧୁବାବୁ, ମାଥିଳିର ଲକ୍ଷ୍ମଣ ନାୟକ, ନବରଙ୍ଗପୁରର ସୋନୁମାଝି, ପାପଡାହାଣ୍ଡିର ଗୁଳିରେ ମରିଥିବା ଓ ଥୁଆମୁଳ ରାମପୁରର ରିଣ୍ଡୋ ମାଝି, ସୁନ୍ଦରଗଡର ବିର୍ଶାମୁଣ୍ଡାଙ୍କ ଭଳି ସଂଗ୍ରାମୀ ମାନଙ୍କୁ ଲୋକ ମାନେ ମନେ ପକାଇଲେ। ଅନେକ ନେତା ସାହିତ୍ୟିକ ସେ ପ୍ରତିମୂର୍ତ୍ତି ପାଖରେ ଠିଆ ହୋଇ ଥିବାର ଫଟୋ ସୋସିଆଲ ମେଡିଆରେ ଦେଖିବାକୁ ମିଳିଲା ।

ପାଗା ଛକରୁ ଉତ୍ତର ଦିଗ କୁ ୩ କିଲୋମିଟର ଗଲା ପରେ, କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତି ଙ୍କର ଜନ୍ମ ସ୍ଥାନ ପଡେ। ରାସ୍ତା କଡରେ ତାଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ଠିଆ ହୋଇଛି । ସେଠାରୁ ଡାହାଣକୁ ପ୍ରାୟ ଦୁଇ କିଲୋମିଟର ଗଲେ ମଧୁବାବୁ ଙ୍କ ଜନ୍ମ ସ୍ଥାନ ସତ୍ୟଭାମାପୁର, ଯେଉଁଠି ଗୋଟିଏ ଚାଳ ଘର ତାଙ୍କର ଏନ୍‌ତଡି ଶାଳ ବୋଲି ଚିହ୍ନିତ ହୋଇ ସୁରକ୍ଷିତ ହୋଇଛି । ସେଠାରୁ କିଛି ଦୁର ଗୋପିନାଥ ପୁର ଠାରେ ବାଲିପୋଖରି ଉପରେ ମଧୁବାବୁ ଜାତିଚ୍ୟୁତ ହେଲାପରେ ତିଆରି କରିଥିବା କୋଠାଘରଟିଏ ମଧ୍ୟ ସଂରକ୍ଷିତ ହୋଇ, ସେଠାରେ ଏକ ଟ୍ରେନିଙ୍ଗ କେନ୍ଦ୍ର ସ୍ଥାପିତ ହୋଇଛି । ଉଭୟ ଯାଗାରେ ତାଙ୍କର ପ୍ରତିମର୍ତ୍ତି ସ୍ଥାପିତ ହୋଇଛି । ଏହିଠାରୁ ଅଳ୍ପ ଦୂରରେ କିଶାନପୁର ନାମକ ଗାଁରେ ଅଛି ପୁରୁଣା ଚାଟେଶ୍ୱର ଶିବ ମନ୍ଦିର, ଯାହାକୁ ଉତ୍କଳର ଦିଗ୍‌ବିଜୟୀ ସମ୍ରାଟ ଲାଙ୍ଗୁଳା ନରସିଂ ଦେବ ତିଆରି କରି, ତାଙ୍କ ଜୟଗାଥା ଶିଳାଲିପି ଆକାରରେ ଲେଖିଯାଇଛନ୍ତି । 'ରାଜା ବରେନ୍ଦ୍ର ଯବନୀ ନୟନାନାଶ୍ରୁନ୍ତ 'ଯୁଦ୍ଧରେ ଓଡିଆ ପାଇକ ମାନଙ୍କ ଖଣ୍ଡାରେ ହଜାର ହଜାର ଯବନ ସୈନ୍ୟ, ନିହତ ହେଲେ, ସେମାନଙ୍କ ର ବିଧବା ବେଗମ ମାନେ ନିଜ ସ୍ୱାମି ମାନଙ୍କର କବର ଦେଇ ସାରି ସ୍ନାନ ବେଳେ ନିଜର ଚକ୍ଷୁର କଜ୍ଜ୍ୱଳ ଗଙ୍ଗାରେ ଧୋଇବାରୁ, ଗଙ୍ଗାର ଶ୍ୱେତ ଜଳ ଯମୁନା ଭଳି ନୀଳ ବର୍ଣ୍ଣ ଧାରଣ କଲା ।

ହଟାତ୍ ଦିନେ ଜଣେ ପୁରାତନ ବନ୍ଧୁ ସାଲେପୁରର ମୋତେ ଫୋନ କଲେ । ଜନ୍ମମାଟି ଛାଡି ଦୂରରେ ରହିଲେ ମାଟି ଓ ତାର ମଣିଷ ପ୍ରତି ସ୍ୱାଭାବିକ ଆଗ୍ରହ ଟିକେ ବଢି ଯାଏ । ବନ୍ଧୁ କହିଲେ ସେମାନଙ୍କର ଏକ ସାହିତ୍ୟ ଅନୁଷ୍ଠାନ ଅଛି, ପ୍ରତିବର୍ଷ ଏକ ମୁଖପତ୍ର ସଂପର୍କ ମଧ୍ୟ ବାହାରୁଛି । କିଶାନପୁର ଚାଟେଶ୍ୱର ମନ୍ଦିର ପ୍ରାଙ୍ଗଣ ନିକଟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏ ବର୍ଷ ସେମାନେ ମୋତେ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରିଛନ୍ତି ।

ବର୍ତ୍ତମାନ ଦେଶ ରେ ଛତୁ ଫୁଟିଲା ଭଳି ସାହିତ୍ୟ ଅନୁଷ୍ଠାନ ଠିଆ ହୋଇଗଲାଣି । ପ୍ରତିବର୍ଷ ସେମାନଙ୍କର ମୁଖପତ୍ର ମଧ୍ୟ ବାହାରୁଛି । ବାର୍ଷିକ ଉତ୍ସବ କରାହେଉଛି । ସେମାନେ, ତାଙ୍କ ସମାବେଶକୁ ରାଜ୍ୟ ସ୍ତରୀୟ ବା ଜାତୀୟ ସ୍ତରୀୟ ବୋଲି ଦାବି କରୁଛନ୍ତି । ଶହଶହ କବିର କବିତା ପାଠ ପାଇଁ ଭିଡ ଲଗାଉଛନ୍ତି । ଅଧିକାଂଶ ଅନୁଷ୍ଠାନର ମୁଖ୍ୟ ହେଉଛନ୍ତି ସ୍କୁଲ ଶିକ୍ଷକ, ପୁସ୍ତକ ପ୍ରକାଶକ, କିମ୍ବା ଅସତ ଅର୍ଥ ଉପାର୍ଜନ କରି ପଇସା ବାଣ୍ଟି ସମାଜସେବୀ ବୋଲାଉଥିବା ବ୍ୟକ୍ତି ମାନେ । ସେମାନଙ୍କ ହାତରୁ ମାନପତ୍ର ନେବାପାଇଁ ପଦସ୍ଥ ସାହିତ୍ୟିକ ମାନେ ବିକଳ ହେଉଛନ୍ତି । ସେଥିପାଇଁ ଲବି, ଅର୍ଥ କାରବାର ମଧ୍ୟ ଆରମ୍ଭ ହେଲାଣି ; କାରଣ ଏହା ଏକ ସମ୍ମାନର ମାପକାଠି ହୋଇଗଲାଣି । ଡ୍ରଇଂ ରୁମରେ ଗ୍ଲାସ ଫ୍ରେମରେ ଯେତେ ସାର୍ଟିଫିକେଟ ଝୁଲୁଥିବ, ବାବୁଙ୍କ ସମ୍ମାନର ପାରଦ ସେତେ ଉପରକୁ ଯିବ । ତା ସହିତ ମାନପତ୍ର ଗ୍ରହଣ କରୁଥିବାର ଫଟୋ, ମଧ୍ୟ ଶୋଭା ପାଉଥିବ । ଆସୁଥିବା ଅତିଥୀ ମାନେ ତା ଦେଖି ହାଁ କରି ଚାହିଁ ରହିବେ ।

ଗୋଟେ ଗୋଟେ ସମାବେଶ ରେ ୩୦ ରୁ ୪୦ ଜଣ ଙ୍କୁ ମାନପତ୍ର ଦିଆଯାଉଛି । ମାନପତ୍ର ପାଇଁ ଆଜିକାଲି ଡିଲ ମଧ୍ୟ ହେଲାଣି । । ବ୍ୟକ୍ତିର ପଦକୁ ଚାହିଁ ଡିଲ ହେଉଛି ।

'ତୁମେ ମତେ ସମ୍ମାନିତ କଲେ ମୁଁ ତତେ କରିବି ।'

ଏମତି ଗୁଡାଏ କାଗଜ ଠୁଳ କରି ରାଜ୍ୟପାଳ ଓ ପ୍ରେସିଡେଣ୍ଟ ପୁରସ୍କାର ପାଉଛନ୍ତି ଦିନେ ପିଲାଙ୍କୁ ପାଠ ନ ପଢାଉଥିବା ଶିକ୍ଷକ ମାନେ । ଉଚ୍ଚ ଅଫୀସରଙ୍କୁ ମାନପତ୍ର , କାଗଜ ଓ ଉ*ରୀୟ ଧରାଇ ଖୁସି କରୁଛନ୍ତି । ପ୍ରକାଶକ ମାନେ ମଧ ବେଶ ସତର୍କ । ପ୍ରତିବର୍ଷ ବହି କିଣା ପାଇଁ ସରକାରୀ ଅନୁଦାନ ବେଶ ଆସୁଛି । ପ୍ରକାଶିତ ବହିରେ ତିନିଗୁଣ ଅଧିକ ଦାମ ଲେଖା ହୋଇ ସରକାରଙ୍କୁ ବିକ୍ରି ପାଇଁ ରହୁଛି । ଯେତେ ଲା ଦେଲେ ମଧ ପରବା ନାହିଁ । ମାନପତ୍ର ଓ ଚାଦର ଦେଇ ଅଫିସରଙ୍କୁ ଖୁସି କରି ବହି ବିକାଯିବ । ବେଶ ବେପାର ହେବ । ସାହିତ୍ୟର ସେବା ବି ହେବ । ଖବର କାଗଜରେ ଫଟୋ ବାହାରିବ । ଗୋଟିଏ ଟେକାରେ ତିନିଟା ଚଢେଇ ଶିକାର ।

୭୦୦ କିଲୋମିଟର ଦୂର ହେଲେ ମଧ କାଗଜ ମାନପତ୍ରର ଆକର୍ଷଣ କମ ନଥିଲା । କାରରେ ସୁଦୂର କୋରାପୁଟରୁ ଆସି ଭୁବନେଶ୍ୱରରେ ପହି ଗଲି । ତାପର ଦିନ ବାର୍ଷିକ ଉତ୍ସବ । ସେଦିନ ସେଠାରେ ରହି, ତା ପରଦିନ ମୋର ଜଣେ ପୁରୁଣା ପ୍ରକାଶକ ବନ୍ଧୁଭିକାରୀ ଧଳ ଙ୍କ ସହ ସମାବେଶ ସ୍ଥଳକୁ କାରରେ ଯାତ୍ରା କଲି । ପାଗା ଛକରୁ ଚାଟେଶ୍ୱର ମନ୍ଦିର ପ୍ରାୟ ୮ କିଲୋମିଟର ଯାତ୍ରା । ଗ୍ରାମାଳ ଦେଇ ଅଙ୍କା ବଙ୍କା ରାସ୍ତା ଲମ୍ବି ଯାଇଥାଏ । ଚାରିଆଡେ ସବୁଜ ଧାନକ୍ଷେତ। ପବନ ଶିରି ଶିର ବହି ଯାଉଥାଏ । ୩ କିଲୋମିଟର ଯାତ୍ରା ପରେ ବାମ କଡରେ ସୁରେନ୍ଦ୍ର ମହାନ୍ତି ଙ୍କର ମୂର୍ତ୍ତି ଦେଖିଲି । ଦୂରରୁ ହାତ ଜୋଡିଲି । ସମୟ ହୋଇ ଗଲାଣି । ପ୍ରକାଶକ ବନ୍ଧୁ କହୁ ଥାଆନ୍ତି, 'ଆମ ରାଜ୍ୟର ସାହିତ୍ୟ ସଭା ଅତି କମରେ ନିର୍ଦ୍ଧାରିତ ସମୟର ଦୁଇ ବା ତିନି ଘଣ୍ଟା ପରେ ଆରମ୍ଭ ହୁଏ। ବ୍ୟସ୍ତ ହୁଅନ୍ତୁ ନାହାଁନ୍ତି ।

ମୁଁ କିନ୍ତୁ ବୁଝୁ ନଥାଏ । ମଧୁ ବାବୁଙ୍କ ଗାଁ ଦେଇ ଗାଡି ଆଗକୁ ଚାଲିଲା । ଲେଖା ହୋଇ ଥାଏ 'ମଧୁ ବାବୁଙ୍କ ଜନ୍ମ ସ୍ଥାନ' । ତାପରେ ଆଉଏକ ସାଇନବୋର୍ଡ -'ଚାଟେଶ୍ୱର ମନ୍ଦିର କୁ ରାସ୍ତାନ୍ତ

ଛୋଟ ଗଳି ରାସ୍ତା, ଚାରିଆଡେ ବାଉଁଶ ବଣ । କିଛିବାଟ ଗଲାପରେ ଗୋଟାଏ ମନ୍ଦିର ଦେଖାଗଲା । ମନ୍ଦିର କଡରେ ସାମିଆନା ଟଣା ହୋଇଥାଏ । କିଛି ଲୋକ ଚେୟାର ପକାଉଥାଆନ୍ତି । ସବୁ ଆଡେ ଶୁନ ଶାନ । ଦର୍ଶକ କେହି ନଥାନ୍ତି । ଆମ ସାହିତ୍ୟ ସଭାର ସବୁଆଡେ ଏହି ଅବସ୍ଥା । ଭିକାରୀ ବାବୁଙ୍କୁ ସାଙ୍ଗ ରେ ମନ୍ଦିର ଆଗରେ ବସିଲୁ । ବେଶ ପୁରୁଣା ମନ୍ଦିର । ପାତାଳ ଭେଦୀ ଶିବ ଲିଙ୍ଗ ପୂଜା ପାଉଛନ୍ତି । (କ୍ରମଶଃ)


+ ଉମରକୋଟ (ବ୍ୟଙ୍ଗ ଗଳ୍ପ)
ମୋ:-୯୪୩୭୨୩୫୩୮୬

# ବାରିପଦା ସହର ମୁହାଁ ହେଲା ଦନ୍ତା : ହାତୀକୁ ଦେଖି ଲୋକେ ଭୟଭୀତ



ବାରିପଦା,୨୫।୮ (ନି.ପ୍ର): ଗଜରାଜ ଜଙ୍ଗଲ ପରିବେଶ ଛାଡି କଂକ୍ରିଟ ସହର ମୁହାଁ ହୋଇଛନ୍ତି। ଏମିତି ଦେଖିବାକୁ ମିଳିଥିଲା ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହରରେ। ସୋମବାର ଭୋର ସମୟରେ ସହର ମଧ୍ୟରେ ଗଜରାଜଙ୍କ ରାଜ ଦେଖିବାକୁ ମିଳିଥିଲା। ଏହି ହାତୀଟି ଶିମିଳିପାଳ ଜାତୀୟ ଉଦ୍ୟାନରୁ ବାଟବଣା ହୋଇ ସହର ମଧ୍ୟକୁ ପ୍ରବେଶ କରିଥିବାର ସନ୍ଦେହ କରାଯାଉଛି। ଦନ୍ତାହାତୀଟି ସକାଳେ ବାରିପଦା ସହରରେ ବୁଲୁଥିବା ଦେଖିବାକୁ ମିଳିଥିଲା। ସକାଳ ସମୟରେ ଏକ ବିଶାଳ ଦନ୍ତାଟି ପଶ୍ଚିମବଙ୍ଗର ସୀମାକୁ ଲାଗିଥିବା ଦେଉଳି ରେର ଲକ୍ଷ୍ମୀପୋଷି ରଘୁନାଥପୁର ଅଞ୍ଚଳ ଦେଇ ଏକ ଦନ୍ତା ହାତୀ ଦରଗାଡାହି ଗୋଳେଇ ଦେଇ ସହର ଉପକଣ୍ଠରେ ପଶିଥିଲା । ହାତୀଟିକୁ ଦେଖି ସହରରେ ପ୍ରାତ ଭ୍ରମଣରେ ବାହାରିଥିବା ଲୋକେ ଭୟଭୀତ ହୋଇଥିଲେ। ବନବିଭାଗ ପକ୍ଷରୁ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ହାତୀ ସହରରେ ପଶିଥିବା ନେଇ ସତର୍କ ସୂଚନା ଦିଆଯାଇଥିଲା। ଦନ୍ତା ହାତୀଟି ଦରଗାଡାହି ଗୋଳେଇ ଦେଇ ସହର ଉପକଣ୍ଠରେ ପ୍ରବେଶ କରିବା ସହ ୧୮ ନମ୍ବର ଜାତୀୟ ରାଜପଥରେ ଯାଇ ମୂର୍ଗାବାଡ଼ି ଗୋଲେଇ, ଦାମଦୋରପୁର, ଗାଙ୍ଗରାଜ, କୁଳିଅଣା, ପ୍ରତିହାରୀପୁର ଗାଁରେ ଅଟକିଥିଲା। ବାରିପଦା ଓ ଦେଉଳି ବନବିଭାଗ କର୍ମଚାରୀ ମାନେ ହାତୀ ଉପରେ ନଜର ରଖିବା ସହିତ ହାତୀ ଘଉଡାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ ବୋଲି ସୂଚନା ମିଳିଛି। ତେବେ ହାତୀଟି କାହାରି କ୍ଷୟକ୍ଷତି କରିନାହିଁ। ସହର ମଧ୍ୟରେ ହାତୀଟିକୁ ଦେଖି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ମୁଖ୍ୟ ରାସ୍ତାରେ କିଛି ସମୟ ଗାଡ଼ି ମଟର ଚଳାଚଳ ବନ୍ଦ ହୋଇଯାଇଥିଲା। ତଥାପି କିପରି ହାତୀ ଚାଲିଛି ତା ପଛେ ପଛେ ହାତୀକୁ ଦେଖିବା କୌତୁହଳରେ ଲୋକେ ବି ଚାଲିଥିଲେ।

# ଶ୍ରୀମନ୍ଦିର ଜମି ଅଧିଗ୍ରହଣ ଘୋଟାଲା : ପୁରୀ ଜିଲ୍ଲାପାଳଙ୍କ ବହିଷ୍କାର ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨୫।୮ (ନି.ପ୍ର): କେବଳ ବଗଲା ଧର୍ମଶାଳା ନୁହେଁ ଶ୍ରୀମନ୍ଦିର ସୁରକ୍ଷା କରିଡର ନାଁରେ ରାଜ୍ୟ ସରକାର ଅଧିଗ୍ରହଣ କରିଥିବା ସମସ୍ତ ଜମି ବିବାଦୀୟ ଓ ବେଆଇନ୍। ଶ୍ରୀମନ୍ଦିର ଠାରୁ ୭୫ ମିଟର ପରିଧି ଭିତରେ ଜମି ହରାଇ ଥିବା ବହୁ ବ୍ୟକ୍ତି ଓ ଲଜିଂ ମାଲିକଙ୍କୁ ସରକାର ଭଣ୍ଡାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ପୁରୀ ଜିଲ୍ଲାପାଳ ନିଜ କ୍ଷମତାର ଦୁରୁପଯୋଗ କରି ଲଜିଂ ହାଉସ୍ ଫଣ୍ଡର ଅଧ୍ୟକ୍ଷ ହିସାବରେ ଲଜିଂ ହାଉସ୍ ଫଣ୍ଡ ନାଁରେ ଥିବା ସ୍ଥିତିବାନ ଜମିକୁ ବେଆଇନ୍ ଭାବରେ ସରକାରୀ ଖାତାକୁ ନେଇଛନ୍ତି। ତେଣୁ ଜିଲ୍ଲାପାଳଙ୍କ ବିରୋଧରେ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେବା ସହିତ ତୁରନ୍ତ ବଦଳି କରିବାକୁ କଂଗ୍ରେସ ଦାବି କରିଛି। ପ୍ରଦେଶ କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି ଯେ ଶ୍ରୀମନ୍ଦିର ସୁରକ୍ଷା କରିଡର ନାଁରେ ହୋଇଥିବା ଜମି ଅଧିଗ୍ରହଣ ରାଜ୍ୟ ସରକାରଙ୍କର ଜମି ଅଧିଗ୍ରହଣ ଓ ପୁନର୍ବାସ ଥଇଥାନ ଆଇନ୍ ୨୦୧୩ ମୁତାବକ କରାଯାଇନାହିଁ। ଏପରିକି ବଗଲା ଧର୍ମଶାଳା ଜମିକୁ ଯେଉଁଭଳି ଚଂଚକତା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନାଁରେ ଥିବା ଜମିକୁ ରାଜସ୍ୱ ବିଭାଗ ନାଁରେ ହସ୍ତାନ୍ତର କରାଗଲା ତାହା ସଂପୂର୍ଣ୍ଣ ବେଆଇନ୍ ବୋଲି କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଜମି ନେବା ବାବଦ କ୍ଷତିପୂରଣ ପ୍ରଦାନରେ ମଧ୍ୟ ବ୍ୟାପକ ହେରଫେର ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋଲାସିୟମ୍ ରାଶି ହିସାବ କଲାବେଳେ ବଜାର ମୂଲ୍ୟ ଉପରେ ୧୨ ପ୍ରତିଶତ ଅଧିକ ମୂଲ୍ୟ ଦେବା ପାଇଁ ସରକାର ନିୟମ କରିଛନ୍ତି। ମାତ୍ର ୨୦୧୯ ରେ ଯେଉଁ ଜମି ସରକାର କିଣିଛନ୍ତି ସେଥିରେ ୧୨ ପ୍ରତିଶତ ପ୍ରଦାନ କରାଗଲା ନାହିଁ କାହିଁକି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ସୁରକ୍ଷା କରିଡର ଜମି ଅଧିଗ୍ରହଣ ନାଁରେ ସରକାର ଜମି ଦଲାଲଙ୍କ ଭଳି ବ୍ୟବହାର କରିଛନ୍ତି ଓ ଲୋକଙ୍କୁ ତାଙ୍କ ପ୍ରାପ୍ୟରୁ ବଂଚିତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ତେଣୁ ସୁରକ୍ଷା କରିଡର ଜମି ଅଧିଗ୍ରହଣ ସଂପୂର୍ଣ୍ଣ ପ୍ରକରଣର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଅମୀୟ କୁମାର ପଟ୍ଟନାୟକ, ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ପୌରାଂଚଳରେ ନମୁନା ସଂଗ୍ରହ ଜୋରଦାର୍

କେନ୍ଦ୍ରାପଡା,୨୫।୮ (ନି.ପ୍ର): କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୁହିକ ପରୀକ୍ଷାକୁ ଜୋରଦାର୍ କରାଯାଇଛି । କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ପୌରାଂଚଳରେ ବିଭିନ୍ନ ୱାର୍ଡ ଏହି ଅଭିଯାନକୁ ଜୋରଦାର କରାଯାଇ ୩ ଦିନ ହେଲା ବିଭିନ୍ନ ଗାଁର ଜନ ସାଧାରଣଙ୍କ ଠାରୁ ନମୁନା ସଂଗ୍ରହ କରାଯାଇଛି । ରବିବାର ପୌରସଂସ୍ଥା ର ଦୁଇଟି ଟିମ୍ ଟାଉନ ବଳରାମପୁର, ଇଛାପୁର ଓ ବଡହାଟ ଅଂଚଳରେ ପ୍ରାୟ ୨୭୫ ଜଣଙ୍କ ଠାରୁ ପିପିଇ କିଟ୍ ମାଧ୍ୟମରେ ନମୁନା ସଂଗ୍ରହ କରିଥିବା ଜଣାପଡିଛି । ପୌରସଂସ୍ଥା ନିର୍ବାହୀ ଅଧିକାରୀ ନିଜେ ବିଭିନ୍ନ ନମୁନା ସଂଗ୍ରହ କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ । ପୌରସଂସ୍ଥା ପକ୍ଷରୁ ଭୁବନ ମୋହନ କାନୁନଗୋ, ସଂଜୀବ ମହାନ୍ତି, ଅବନୀ ମହାନ୍ତି, ଅଶୋକ ସାହୁ, ପ୍ରଶାନ୍ତ ନାୟକ, ଅସିତ୍ ସାହୁ, ସୁସ୍ମିତା ଜେନା, ତପସ୍ୱନୀ ଦାସ, ସୁଚିସ୍ମିତା ଜେନା ଙ୍କ ସମେତ ମାଇକ୍ରୋ ବାୟୋଲୋଜିଷ୍ଟ ସତ୍ୟ ନାରାୟଣ ସିଂହ, ପ୍ରଶାନ୍ତ କୁମାର ସାହୁ, ଦିପାଞ୍ଜଳୀ ଶତପଥୀ, ଷ୍ଟାପ ନର୍ସ ଶ୍ରୁଶ୍ରୀ ଶୁଭସ୍ମିତା ମଲି, ପୂଜାରାଣି ବେହେରା, ଅନିଲ ଦାସ, ସାନୁ ସ୍ୱାଇଁ , ଅନୁରାଧା ଖଟୁଆ , ଅନୁସୟା ସାହୁ ପ୍ରମୁଖ ନମୁନା ସଂଗ୍ରହରେ ସହାୟତା କରିଥିଲେ ।

# କୋଭିଡ୍ ପଜଟିଭ୍ ଚାହିଁଲେ ସ୍ୱଗୃହେ ସଙ୍ଗରୋଧରେ ରହିପାରିବେ : ଡେଲାଙ୍ଗରେ ଆଉ ଜଣେ ପଜଟିଭ ଚିହ୍ନଟ,ଆକ୍ରାନ୍ତ ସଂଖ୍ୟା ୧୦୬କୁ ବଢ଼ିଲା

ଡେଲାଙ୍ଗ,୨୫।୮ (ନି.ପ୍ର): ସରକାରଙ୍କ ପରିବର୍ତ୍ତିତ ନିର୍ଦ୍ଦେଶ ଅନୁଯାୟୀ, କରୋନା ପଜଟିଭ୍ ବା କୋଭିଡ ଆକ୍ରାନ୍ତ ରୋଗୀ ଚାହିଁଲେ ନିଜ ଘରେ ସଙ୍ଗରୋଧ ଭାବେ ରହିପାରିବେ । ସେହି ଅନୁଯାୟୀ ଚାଇଁପୁର ର ଜଣେ ୩୦ବର୍ଷୀୟ ପଜଟିଭ ଯୁବକକୁ ଗତକାଲି ସ୍ୱଗୃହରେ ସଙ୍ଗରୋଧ ରହିବାକୁ ପରାମର୍ଶ ଦିଆଯାଇଥିବା କୋଭିଡ ନିୟନ୍ତ୍ରଣ କକ୍ଷରୁ ସୂଚନା ମିଳିଛି । ସ୍ଥାନୀୟ ସରପଚଂଙ୍କ ଅନୁମତିକ୍ରମେ ନିଜ ଘରେ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଛି । ଆଜି ଆଉ ଜଣେ କରୋନା ପଜଟିଭ ହରିରାଜପୁରରେ ଚିହ୍ନଟ ହେବା ପରେ ଡେଲାଙ୍ଗରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦୬କୁ ବୃଦ୍ଧି ପାଇଛି । ତନ୍ମଧ୍ୟରୁ ୮୯ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ସୂଚନା ମିଳିଛି ।

# ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ ତାପସ କୁମାର ମହାନ୍ତି ଜାତୀୟ ପୁରସ୍କାର ନିମନ୍ତେ ମନୋନୀତ

ଭୁବନେଶ୍ୱର,୨୫।୮ (ନି.ପ୍ର): ଚଳିତ ବର୍ଷ ଜାତୀୟ ଶିକ୍ଷକ ପୁରସ୍କାର ନିମନ୍ତେ ଓଡ଼ିଶାରୁ ୨ଜଣ ଶିକ୍ଷକ ମନୋନୀତ ହୋଇଛନ୍ତି। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରସରା, ବୌଦ୍ଧର ଶିକ୍ଷକ ଶ୍ରୀ ବସନ୍ତ କୁମାର ସାହୁ ଏବଂ ଭୁବନେଶ୍ୱରସ୍ଥିତ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ ଶ୍ରୀ ତାପସ କୁମାର ମହାନ୍ତି। ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ଶ୍ରୀ ମହାନ୍ତି ବେଶ୍ ପରିଚିତ। ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ନିମନ୍ତେ ତାଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟ ଉପକରଣ ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ସେ ବହୁବାର ସମ୍ମାନୀତ। ତାଙ୍କ ଲିଖିତ ଲର୍ଣ୍ଣ ବ୍ରେଲ୍ ପୁସ୍ତକ ଓଡ଼ିଶାର ଦୃଷ୍ଟିହୀନ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କ ଦ୍ୱାରା ବହୁ ଭାବରେ ଆଦୃତ। ପ୍ରଥମକରି ଦୃଷ୍ଟିହୀନ ପିଲାମାନଙ୍କ ନିମନ୍ତେ ବ୍ରେଲ୍‌ୱାଡ଼ ବୁକ୍‌ର ପ୍ରସ୍ତୁତି ତାଙ୍କର ଅନ୍ୟତମ କୃତୀ। ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ନିମନ୍ତେ ନିଜର ଅବଦାନ ପାଇଁ ୨୦୧୫ ମସିହା ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ମାନୀତ ହୋଇଛନ୍ତି। ୨୦୨୦ ମସିହା ନିମନ୍ତେ ଜାତୀୟ ପୁରସ୍କାର ନିମନ୍ତେ ମନୋନୀତ ହୋଇ ନିଜ ବିଦ୍ୟାଳୟ ତଥା ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି।

# ମିନି ଟ୍ରକ୍ ଧକ୍କାରେ ଦମ୍ପତି ମୃତ

ଖୋର୍ଦ୍ଧା,୨୫।୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଠାରେ ଆଜି ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ମିନି ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ସ୍ୱାମୀ-ସ୍ତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତ ଦମ୍ପତିଙ୍କ ଘର ନୟାଗଡ଼ ଜିଲ୍ଲା ଗୋଡ଼ିପଡା ଅଂଚଳରେ ବୋଲି ଜଣାପଡିଛି । ପୋଲିସ ଉଭୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ବାଇକ୍ କୁ ଜବତ କରିଛି । ଘଟଣାରେ ଟ୍ରକ୍ ଚାଳକ ଓ ହେଲପର୍ କୁ ଜଙ୍କିଆ ଥାନା ପୋଲିସ ଅଟକ ରଖି ପଚରା ଉଚୁରା ଜାରୀ ରଖିଛି ।

# ସାଳନ୍ଦୀ ପୋଲ ତଳେ ଘର କରି ଶ୍ରମିକଙ୍କୁ ଶୋଷଣ ପ୍ରସଙ୍ଗ : ପ୍ରଶାସନିକ ତଦନ୍ତ ଆରମ୍ଭ, ଶ୍ରମଜୀବୀ ପରିବାରକୁ ଘରଭଡା ନଦେବାକୁ ନିର୍ଦ୍ଦେଶ

ଭଦ୍ରକ, ୨୫/୮ (ହି.ସ.) - ସାଳନ୍ଦୀ ନଦୀ ପଠାକୁ ଜବରଦଖଲ କରି ଓ ସେଠାରେ ଘର କରି ଶ୍ରମିକଙ୍କୁ ଶୋଷଣ କରିବା ଘଟଣାରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ତଦନ୍ତ ଆରମ୍ଭ କରିଛନ୍ତି। ଅନୁରୂପ ଏ ସମ୍ପର୍କରେ ତହସିଲଦାରଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଭଦ୍ରକ ନୂଆବଜାର ନିକଟସ୍ଥ ସାଳନ୍ଦୀ ନଦୀର ନୂଆ ପୋଲ ତଳେ ଜନୈକ ବ୍ୟକ୍ତି ନଦୀ ପଠାକୁ ଜବରଦଖଲ କରି ୫ଟି ଆ କାନୁ ଓ ଟିଣ ପକାଇ କେତେକ ଅସ୍ଥାୟୀ ଘର ନିର୍ମାଣ କରି ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ୨୨ଟି ଶ୍ରମଜୀବୀ ପରିବାରକୁ ଭଡ଼ା ଲଗାଇଛନ୍ତି। ଦିନମଜୁରିଆ, ବାସନ ମାଜିବା ପରି ବାସୀ କାମ କରୁଥିବା ମହିଳାଙ୍କ ପରି ଶ୍ରମଜୀବୀମାନେ ସେଠାରେ ରହିଥାନ୍ତି। ବିଦ୍ୟୁତ୍ ସଂଯୋଗ ଦେଇ ସେ ବାବଦରେ ମଧ୍ୟ ଭଡ଼ା ନେଇଥାନ୍ତି ଘର ମାଲିକ। କରୋନା କଟକଣା ପାଇଁ ଏହି ଶ୍ରମଜୀବୀ ଶ୍ରେଣୀର ବ୍ୟକ୍ତିବିଶେଷ କାମ ଧନ୍ଦା ହରାଇ ଏବେ ବହୁ କଷ୍ଟରେ ଜୀବନ ବିତାଉଥିବାବେଳେ, ସେମାନଙ୍କୁ ଘର ଛାଡ଼ିବାକୁ ନୋଟିସ ଜାରୀ କରିଥିଲେ ସଂପୃକ୍ତ ବ୍ୟକ୍ତି। ଏହି ଶ୍ରମଜୀବୀଙ୍କ ସମସ୍ୟା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜନୈକ ସାମାଜିକ କର୍ମୀ ହେମନ୍ତ ମହାପାତ୍ର ଏହାକୁ ଟ୍ୱିଟ୍ କରି ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ। ଏହା ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି। ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ଭଦ୍ରକ ତହସିଲଦାର ନିଜ ଟିମ୍ ସହ ଘଟଣା ସ୍ଥଳରେ ପହ, ସଂପୃକ୍ତ ୨୨ ଜଣ ପରିବାରଙ୍କୁ କାହାରିକୁ ଘରଭଡା ନଦେବାକୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କୁ ବସୁନ୍ଧରା ଭଳି ଯୋଜନାରେ ଆଗାମୀ ଦିନରେ ଘର ଯୋଗାଇ ଦିଆଯିବା ପର୍ଯ୍ୟନ୍ତ ସେଠାରେ ରହିବାକୁ କହିଛନ୍ତି। ଏବଂ ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବିଷୟ ଗଣମାଧ୍ୟମକୁ କହିଛନ୍ତି।

# ମାସ୍କ ଚେକିଙ୍ଗ ଜୋରଦାର, ୪ ହଜାର ଟଙ୍କା ଫାଇନ ଆଦାୟ

ଭୁବନ,୨୫।୮ (ନି.ପ୍ର): ଭୁବନରେ କରୋନା ନିୟନ୍ତ୍ରଣ ସକାଶେ ପୋଲିସ ପେଟ୍ରୋଲିଂ ଓ ମାସ୍କ ଚେକିଙ୍ଗ ଜୋରଦାର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବାରୁ ଭୁବନ ପୋଲିସ ତରଫରୁ ବିଭିନ୍ନ ସାହି ମାନଙ୍କରେ ପେଟ୍ରୋଲିଂ ସମେତ ପ୍ରମୁଖ ଛକ ରେ ମାସ୍କ ଚେକିଙ୍ଗ ଚାଲୁରହିଛି । ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ସହିତ ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ବିଭିନ୍ନ ଛକରେ ଆଇଆରବି ଫୋର୍ସ ଙ୍କ ଗହଣରେ ଚେକିଙ୍ଗ କରି ମାସ୍କ ପିନ୍ଧିନଥିବା ବ୍ୟକ୍ତି ମାନଙ୍କ ଠାରୁ ଫାଇନ ଆଦାୟ କରିଥିଲେ । ଆଜି ବିଭିନ୍ନ ସ୍ଥାନରୁ ୪ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବା ଭୁବନ ଥାନା ସୂତ୍ରରୁ ଜଣାପଡିଛି ।

# କୋଠାରେ ପଶୁଛି ବର୍ଷାପାଣି ; ଭୁଷୁଡିବା ଆଶଙ୍କା

କେନ୍ଦ୍ରାପଡା,୨୫।୮ (ନି.ପ୍ର): ଲଘୁଚାପଜନିତ ବର୍ଷା ଦୀର୍ଘ ୭ ଦିନହେଲା ଜନ ଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି । ଅନବରତ ଦୁହାକୁଦୁହା ବର୍ଷା କାରଣରୁ ବର୍ଷାପାଣି ସହରର ଆଖପାଖ ଅଂଚଳ ତଥା ଗୋବରୀ ନଈରେ ବହୁ ପରିମାଣର ଗଚ୍ଛିତ ହୋଇ ତଟବର୍ତୀ କୋଠାଘର ମାନଙ୍କରେ ପାଣି ପଶିଥିବା ଦେଖିବାକୁ ମିଳୁଛି । କେନ୍ଦ୍ରାପଡା ଅଦାଲତ ନିକଟରୁ ରଣପଡା ପୋଲ ପର୍ଯ୍ୟନ୍ତ ଗୋବରୀ ନଈପଠାରେ ତିଆରି କରାଯାଇଥିବା ବଡ ବଡ ଅଟ୍ଟାଳିକା ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ମଧ୍ୟରେ ଗୋବରୀ ନଈପାଣି ପ୍ରବେଶ କରି କୋଠା ପାଇଁ ବିପଦ ସୃଷ୍ଟି କରିଛି । ନଦୀପଠାରେ ତିଆରି ହୋଇଥିବା ଏହି କୋଠା ଗୁଡିକ କେଉଁ ମୁହୂର୍ତରେ ଭୁଷୁଡି ପଡି ଜନ ଜୀବନ ହାନି ଘଟାଇବ ତାହା ଚିନ୍ତାର ବିଷୟ ପାଲଟିଛି । କୌଣସି କାରଣରୁ ନଦୀପଠାରେ ଥିବା କୋଠା ଗୁଡିକ ଦବିଗଲେ ଏହା ବହୁ ସଂଖ୍ୟକ ଲୋକଙ୍କ ଜୀବନ ହାନୀ ଘଟାଇବାର ଆଶଙ୍କା ରହିଛି । ତୁରନ୍ତ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ନାବାଳିକା ସାବିତ୍ରୀର ମୃତ୍ୟୁର କାରଣ ଖୋଜୁଛି ପୋଲିସ : ତୁରନ୍ତ ନ୍ୟାୟ ପାଇଁବା ପାଇଁ ଅନାଇ ବସିଛନ୍ତି ପରିବାର ଲୋକେ

ଧର୍ମଶାଳା,୨୫।୮ (ନି.ପ୍ର): ଝିଅ ନିଖୋଜ ହେବା ଘଟଣାକୁ ଆଜି ସପ୍ତାହ ପୂରୁଛି । ଏବଂ ନିଖୋଜ ହେବାର ୪ ଦିନ ପରେ ନଦୀରୁ ମୃତ ଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ହେଲେ ଏହି ମୃତ୍ୟୁର କାରଣ ଏବେ ବି ସନ୍ଦେହ ଘେରରେ ରହିଛି । କେବେ ଏହା ଉପରୁ ପର୍ଦ୍ଦା ଉଠିବ ଏନେଇ ପରିବାର ଓ ଗ୍ରାମବାସୀ ଅନାଇ ବସିଛନ୍ତି । ନାବାଳିକା ସାବିତ୍ରୀ ମୃତ୍ୟୁ ଘଟଣା ହତ୍ୟା ନା ଆତ୍ମହତ୍ୟା ତାହା ଏବେ ପୁଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ହେଲେ ମୃତ୍ୟୁ ଘଟଣାକୁ ୪ ଦିନ ବିତି ଯାଇଥିଲେ ପରିବାରକୁ ଏପର୍ଯ୍ୟନ୍ତ ନ୍ୟାୟ ମିଳି ପାରି ନାହିଁ । ଅନ୍ୟ ପକ୍ଷେ ପୋଲିସ ଏହି ଘଟଣାକୁ ନେଇ ଦିନ ରାତି ଏକ କରି ଦେଇ ତଦନ୍ତ ଚଳାଇଛି । ଏହି ମୃତ୍ୟୁର କାରଣକୁ ନେଇ ଖିଅ ଖୋଜିବାରେ ଲାଗିଛି ପୋଲିସ । ଅନ୍ୟ ପକ୍ଷେ ତଦନ୍ତ ଠିକ୍ ବାଟରେ ଚାଲିଛି ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଚାହିଁ ବସିଛି ପୋଲିସ । ପୋଷ୍ଟମଟମ ରିପୋର୍ଟ ଆସିବା ପରେ ସବୁ ସତ ପଦାକୁ ଆସିବ ବୋଲି ସଦର ପୋଲିସ କହିଛି । ସୂଚନା ଥାଉକି ଯାଜପୁର ସଦର ଥାନା ଅନ୍ତର୍ଗତ ଝାଲପଡା ଫଂଚାୟତସ୍ଥ କାକୁଡିକୁଦ ଗ୍ରାମର ଜୟନ୍ତ ପତିଙ୍କ ନାବାଳିକା ଝିଅ ସାବିତ୍ରୀ ଚଳିତ ମାସ ୧୭ ତାରିଖ ଦିନ ଘରୁ ନିଖୋଜ ହୋଇଯାଇଥିଲେ । ଯାହାକୁ ନେଇ ଜୟନ୍ତ ସଦର ଥାନାରେ ଝିଅକୁ କେହି ଅପହରଣ କରି ନେଇଯାଇଥିବା ନେଇ ଅଭିଯୋଗ କରିଥିଲେ । ନିଖୋଜ ହେବାର ୪ ଦିନ ପରେ ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲକୁଣ୍ଡ ଫଂଚାୟତ ମଙ୍ଗଳା ମନ୍ଦିର ନିକଟରେ ବ୍ରାହ୍ମଣୀ ନଦୀରେ ଏକ ଶବ ଭାସୁଥିବା ସ୍ଥାନୀୟ ଲୋକେ ଏହାକୁ ଦେଖି ଯାଜପୁର ସଦର ଥାନାକୁ ଅବଗତ କରାଇଥିଲେ । ସଦର ପୋଲିସ ଘଟଣାସ୍ଥଳରେ ଫଂହଚି ରୁଦ୍ରପୁରସ୍ଥ ବ୍ରାହ୍ମଣୀ ନଦୀ ସେତୁ ତଳୁ ଶବକୁ ଉଦ୍ଧାର କରିଥିଲା । ଏହି ଶବ ସାବିତ୍ରୀର ବୋଲି ପରିଚୟ ଜଣାପଡିଥିଲା । ପୋଲିସ ଶବକୁ ଜବତ କରି କଟକ ବଡ ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇ ଘଟଣା ତଦନ୍ତକୁ କଡା କଡି କରିଥିଲା । ହେଲେ ୪ ଦିନ ବିତିଯାଇଥିଲେ ମଧ୍ୟ ଏହି ଘଟଣା ହତ୍ୟା ନା ଆତ୍ମହତ୍ୟା ତା ଉପରୁ ପରଦା ଉଠାଇ ପାରି ନାହିଁ ପୋଲିସ । ତୁରନ୍ତ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନୂତନ ଜାତୀୟ ଶିକ୍ଷାନୀତି -୨୦୨୦ ବିଦ୍ୟାଳୟ ଶିକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର

ମାଲକାନଗିରି,୨୫।୮ (ନି.ପ୍ର): ମାଲକାନଗିରି ସଙ୍କୁଳ ସ୍ତରିୟ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ବିଦ୍ୟାଳୟ ଶିକ୍ଷା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନ୍ ଲାଇନ୍ ଭିଡ଼ିଓ ମାଧ୍ୟମରେ ରବିବାର ପୂର୍ବାହ୍ନରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଭାରତୀ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୋଜନା ଅନୁସାରେ ମାଲକାନଗିରି ସଙ୍କୁଳ ତରଫରୁ ଆୟୋଜନ କରାଯାଇଥିଲା । କୋରକୁଣ୍ଡାର ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡଃ. ରଞ୍ଜନ କୁମାର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବିଜୟାନନ୍ଦ ଦାଶ ଯୋଗଦେଇ ନୂତନ ଶିକ୍ଷାନୀତି ବିଷୟରେ ଆଲୋଚନା କରିଥିଲେ । ମାଲକାନଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ଥିବା ୩୪ ଜଣ ଶିକ୍ଷାବିତ୍ ଏନେଇ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଗହଳିରେ ଥିବା ଅବିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ନୂତନ ଶିକ୍ଷା ପଦ୍ଧତି ବିଷୟରେ ସଚେତନ କରିବା ପାଇଁ ପ୍ରୟାସ କରାଯାଇଛି । ଏହିଭଳି କାର୍ଯ୍ୟକ୍ରମ ଜିଲ୍ଲାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବାରୁ ବୁଦ୍ଧିଜିବୀ ମହଲରେ ଏହାକୁ ପ୍ରଶଂସା କରାଯାଇଛି ।

# ରାଜ୍ୟ ସରକାରଙ୍କ ସୁଧ ରିହାତି ପଦକ୍ଷେପ : ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅର୍ଥନୈତିକ ଉନ୍ନତି ପାଇଁ ଏକ ବଳିଷ୍ଠ ପ୍ରୟାସ

ଭୁବନେଶ୍ୱର,୨୫।୮ (ନି.ପ୍ର): ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲ୍ଲାସ୍ତରରେ ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ପୁରସ୍କୃତ ହୋଇଥିବା ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ର ପଣପଲ୍ଲୀ ଗ୍ରାମର ‘ମା’ନାରାୟଣୀ ସ୍ୱୟଂ ସହାୟକ ଗୋଷ୍ଠୀ’ ରାଜ୍ୟରେ ଅନେକ ମହିଳା ଚାଷୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି । ବ୍ୟବସାୟିକ ଭିତିରେ ପନିପରିବା ଚାଷ ଏବଂ ଗୋପାଳନ ଦ୍ୱାରା ବେଶ୍ ଲାଭବାନ ହୋଇଥିବା ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲାରେ ଏକ ଅଗ୍ରଣୀ ମହିଳା ଚାଷୀ ହୋଇପାରିଛନ୍ତି । ଏହି ଗୋଷ୍ଠୀର ୧୦ ଜଣ ମହିଳା ବ୍ୟବସାୟିକ ଭିତିରେ ପନିପରିବା ଚାଷ କରି ସ୍ଥାନୀୟ ବଜାରରେ ଉଚିତ ମୂଲ୍ୟରେ ବିକ୍ରି କରୁଛନ୍ତି । ରାଜ୍ୟ ସରକାରଙ୍କ ସୁଧରିହାତି ପଦକ୍ଷେପ ଆମ ଜୀବନରେ ବ୍ୟାପକ ପରିବର୍ତନ ଆଣିଛି ବୋଲି କହିବା ସହ ଗୋଷ୍ଠୀର ସଦସ୍ୟାମାନେ ଖୁସି ବ୍ୟକ୍ତ କରିଛନ୍ତି । ମହିଳାମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ଆଭିମୁଖ୍ୟରେ ୨୦୦୧ ମସିହାରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ମିଶନ ଶକ୍ତି ଦ୍ୱାରା ନିଆଯାଇଥିବା ଅର୍ଥନୈତିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ରାଜ୍ୟର ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୭୦ ଲକ୍ଷ ମହିଳା ସଦସ୍ୟାଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ସଫଳ କାର୍ଯ୍ୟକ୍ରମ ଭାବେ ପ୍ରମାଣିତ ହୋଇଛି । ଏହା ଦ୍ୱାରା ମହିଳାମାନଙ୍କ ଆର୍ଥିକ ବ୍ୟବସ୍ଥା ଉପରେ ବ୍ୟବହାରିକ ଜ୍ଞାନ, ବ୍ୟାଙ୍କ ଋଣ ସଂଯୋଗ ଏବଂ ସୁଧଛାଡ଼ ଭଳି ସକାରାତ୍ମକ ସୁବିଧା ଉପଲବ୍ଧ ହେଉଛି । ୨୦୧୯-୨୦ ଆର୍ଥିକ ବର୍ଷରେ ଦେଢ଼ ଲକ୍ଷ ମହିଳା ସ୍ୱୟଂ ସହାୟକି । ଗୋଷ୍ଠୀଙ୍କୁ ୨୩୦୭.୯୩ କୋଟି ଟଙ୍କ । ବ୍ୟାଙ୍କ ଋଣ ଦିଆଯାଇଛି । କୋଭିଡ୍ ? ମହାମାରୀ ସମୟରେ ୪୧୩୫୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୬୪୪ କୋଟି ଟଙ୍କାର ବ୍ୟାଙ୍କ ଋଣ ଏବଂ ୧,୬୧,୮୨୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୫.୨୩ କୋଟି ଟଙ୍କା ସୁଧଛାଡ଼ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ମହିଳାମାନଙ୍କ ମଧ୍ୟରେ ଉଦ୍ୟୋଗୀ ହେବାର ଆଗ୍ରହକୁ ଦେଖି ରାଜ୍ୟ ସରକାର ଅପ୍ରେଲ ୧, ୨୦୧୩ ମସିହାରୁ ସୁଧରିହାତି ଯୋଜନା ଆରମ୍ଭ କରିଥିଲେ । ବାର୍ଷିକ ୨ ପ୍ରତିଶତ ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଯୋଗାଇ ଦିଆଯାଉଥିଲା । ପରବର୍ତୀ ସମୟରେ ୦% ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଗଲା । ମିଶନ ଶକ୍ତି ଅଧୀନରେ ଏଭଳି ଅଭିନବ ଉଦ୍ୟମ କେବଳ ଦୀର୍ଘସ୍ଥାୟୀ ବ୍ୟାଙ୍କିଂ କ୍ଷମତା ବୃଦ୍ଧି କରି ନାହିଁ ବରଂ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଠିକ୍ ସମୟରେ ଋଣ ସୁଝି ପାରିଛନ୍ତି ସେମାନଙ୍କୁ ସୁଧ ଛାଡ଼ ଭଳି ସୁବିଧା ମଧ୍ୟ ଦିଆଯାଇଛି । ଠିକ୍ ସମୟରେ ଋଣ କିସ୍ତି ସୁଝି ଏକାଧିକ ବାର ଋଣ ପାଇବାର ସୁବିଧା ଏବଂ ପ୍ରତ୍ୟେକ ଥର ଋଣ ପାଇଁ ସୁଧଛାଡ଼ ବ୍ୟବସ୍ଥା ଗୋଷ୍ଠୀମାନଙ୍କ ମଧ୍ୟରେ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ପ୍ରେରଣା ଯୋଗାଇଛି । ଏହା ଦ୍ୱାରା ଗ୍ରାମୀଣ ଅର୍ଥନୀତି ଦୃଢ଼ୀଭୂତ ହେବା ସହ ଅଧିକ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି । ମିଶନ ଶକ୍ତି ଋଣ କାର୍ଯ୍ୟକାରୀ ପ୍ରକ୍ରିୟାକୁ ସୁଦୃଢ଼ କରିବା ନିମନ୍ତେ ଏକ ଅନ ଲାଇନ୍ ବ୍ୟବସ୍ଥା ଜରିଆରେ ବ୍ୟାଙ୍କ ସହିତ ସଂଯୋଗୀକରଣ କରିବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି । ଏକ ଉନ୍ନତ ତଥ୍ୟଭିତିକ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ସମସ୍ତ ତଥ୍ୟ ବ୍ୟାଙ୍କ ସହିତ ବିନିମୟ କରିବା ନିମନ୍ତେ ମିଶନ ଶକ୍ତି ଖୁବ୍‌ଶୀଘ୍ର ବ୍ୟାଙ୍କମାନଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷର କରିବେ । ବିପୁଳ ସାମାଜିକ ପୁଞ୍ଜି ଭାବରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ପରିବର୍ତନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିଛନ୍ତି । ଆର୍ଥିକ ଦୃଷ୍ଟିକୋଣରୁ ସେମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବାରେ ମିଶନ ଶକ୍ତିର ପ୍ରମୁଖ ଭୂମିକା ରହିଛି । ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ନିମନ୍ତେ ଉତ୍ସର୍ଗୀକୃତ ପଦକ୍ଷେପ ଫଳରେ ରାଜ୍ୟର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ଏକ ଅର୍ଥନୈତିକ ବିପ୍ଳବର ଧାରା ପାଇଁ ମାର୍ଗ ଉନ୍ମୁକ୍ତ କରିଛନ୍ତି ।

# ନିମ୍ନମାନର ରାସ୍ତା କାମ; ଗ୍ରାମବାସୀ ହନ୍ତସନ୍ତ

କେନ୍ଦ୍ରାପଡା,୨୫।୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଗୁଲନଗର ପଂଚାୟତର ଖଇରାବାଦ ଗ୍ରାମ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏହି ରାସ୍ତାକାମ ଅତି ନିମ୍ନ ମାନର ହୋଇ ଥିବାରୁ ବର୍ଷାରେ ରାସ୍ତା ସାରା ଖାଲଖମା ଓ ଠାଏ ଠାଏ ଆଣ୍ଠୁଏ ଉଚ୍ଚରେ ପାଣି ଜମିରହି ଗ୍ରାମବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଗ୍ରାମରୁ ସହର ମଧ୍ୟକୁ ଯିବାକୁ ତଥା କଟକ-ଚାନ୍ଦବାଲି ମୁଖ୍ୟରାସ୍ତା ସହିତ ମୁଖ୍ୟ ସଂଯୋଗ ପଥ ହୋଇଥିବାରୁ ଦୈନିକ ବହୁତ ଭାରୀଯାନ ଓ ଲଘୁଯାନ ଏହି ବାଟରେ ଯିବା ଆସିବା କରିଥାଏ । ରାସ୍ତା କାମ ଅତ୍ୟନ୍ତ ନିମ୍ନ ମାନର ହୋଇଥିବାରୁ ନିର୍ମାଣର ଅଳ୍ପଦିନ ମଧ୍ୟରେ ରାସ୍ତାଟି ଭାଙ୍ଗି ଯିବାସହ ବଡ ବଡ ଗାତ ସୃଷ୍ଟିହୋଇ ଲୋକମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି । ଗ୍ରାମର ପ୍ରାୟ ୫୦୦ ରୁ ଅଧିକ ଅଧିବାସୀ ପ୍ରତ୍ୟେହ ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି ରାସ୍ତାରେ ଯାତାୟତ କରୁଥିବା ବେଳେ ସେମାନଙ୍କ ପାଇଁ ସମ୍ପୃକ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ରାସ୍ତାର ତୁରନ୍ତ ମରାମତି ପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜେକେ କାଗଜ କଳରୁ ଦୂଷିତ ଧୂଆଁ ଓ ଦୁର୍ଗନ୍ଧ ଜଳରେ ଲୋକ ହନ୍ତସନ୍ତ: ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ରାୟଗଡ଼ା ,୨୫।୮ (ନି.ପ୍ର): ରାୟଗଡ଼ା ଜିଲ୍ଲାର ସର୍ବବୃହତ୍ କାଗଜକଳ ତଥା ଜେକେ ପେପର ମିଲ୍ ନାଁରେ ପୁଣି ଆସିଛି ଅଭିଯୋଗ । ଜେକେପୁର ଚାନ୍ଦିଲି ପଞ୍ଚାୟତର ସାନ ଚାନ୍ଦିଲି ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଏକ ଅଭିଯୋଗ କରିଛନ୍ତି । ଏହି ଗ୍ରାମ ଜେକେ କାଗଜ କଳରୁ ମାତ୍ର ୪୦୦ ମିଟର ଦୂରରେ ଅବସ୍ଥିତ ଗ୍ରାମରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଗୋଟିଏ ସପ୍ତାହ ମଧ୍ୟରେ ୬ ଜଣ ଲୋକ ମୃତ୍ୟୁ ହୋଇଥିବା ବେଳେ ଆଜକୁ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ୬୦ ବର୍ଷର ଜେକେ କଳ ଅଞ୍ଚଳର କ'ଣ ଉନ୍ନତି କଲା, ବର୍ଷକୁ କେତେ ଯୁବକମାନଙ୍କୁ ଚାକିରି ସୁଯୋଗ ଦେଉଛି, ଦୂଷିତ ଜଳ ଓ ବାୟୁରୁ ଲୋକଙ୍କୁ ବଞ୍ଚିତ କରିବା ପାଇଁ କମ୍ପାନୀ ତରଫରୁ କ'ଣ ପଦକ୍ଷେପ ନିଆଯାଇଛି, ବର୍ଷକୁ କେତେ ଟଙ୍କା ଅଞ୍ଚଳର ଉନ୍ନତି ପାଇଁ ଖର୍ଚ୍ଚ ହେଉଛି । ଚାନ୍ଦିଲି ଗ୍ରାମରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଲୋକେ ବସବାସ କରିଆସୁଛନ୍ତି ଓ ସରକାରଙ୍କୁ ଭୋଟ୍ ମଧ୍ୟ ଦେଉଛନ୍ତି । ଯେକୌଣସି ଅସୁବିଧାରେ ସରକାରଙ୍କୁ ଯଦି ଗ୍ରାମବାସୀ ଅଭିଯୋଗ କଲେ ସରକାର କୁହନ୍ତି ସାନ ଚାନ୍ଦିଲି ଗ୍ରାମର ସମ୍ପୂର୍ଣ୍ଣ ଦାୟିତ୍ୱ ହେଉଛି କମ୍ପାନୀର ତେଣୁ କମ୍ପାନୀ ପକ୍ଷରୁ ତାହା ସମାଧାନ କରାଯିବ । ହେଲେ ଏଠାକାର ଲୋକେ ନା କମ୍ପାନୀ ନା ସରକାର ଉଭୟଠୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି । ଗାଁ ଚାରିଆଡ଼େ ଜେକେ କାଗଜକଳର ଦୁର୍ଗନ୍ଧ ପାଣି ଓ ଦୂଷିତ ଧୂଆଁ ସାଙ୍ଗ ଅଳିଆ ଆବର୍ଜନା ଓ ଅପରିଷ୍କାର ଯୋଗୁଁ ଅନେକ ପ୍ରକାରର ମଶା, ମାଛି ଓ ଜୀବାଣୁ ଓ ଭୂତାଣୁ ସୃଷ୍ଟି ହୋଇ ଗାଁ ଲୋକେ ନାନା ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ କରିଛନ୍ତି । ଜେକେ କାଗଜ କଳର ଡ୍ରେନ୍ ପାଣି ଗାଁ ଚାରିଆଡ଼େ ଘେରି ହୋଇ ରହିଛି ଜେକେ କର୍ତ୍ତୃପକ୍ଷ ଅଞ୍ଚଳର ଅଳିଆ ଆବର୍ଜନାକୁ ସଫା ନ କରିବା ଦ୍ୱାରା ଗାଁ ଲୋକ ଏବଂ ଅଞ୍ଚଳର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜେକେ କାଗଜକଳ ତରଫରୁ ଅଞ୍ଚଳର ଲୋକମାନଙ୍କୁ ଆମ୍ବୁଲାନ୍ସର ସୁବିଧା ସୁଯୋଗ ଠିକ୍ ଭାବରେ କମ୍ପାନୀ ଦେଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି । ଏହି ଅଞ୍ଚଳର ଲୋକମାନଙ୍କୁ ଜେକେ କଳ ଦ୍ୱାରା ଉଚିତ ସ୍ୱାସ୍ଥ୍ୟସେବା ସୁଯୋଗ ସୁସ୍ଥ ଓ ସଠିକ୍ ପାଠପଢ଼ା ସୁଯୋଗ, କ୍ରୀଡ଼ାର ଉନ୍ନତି କିମ୍ବା ଲୋକଙ୍କୁ ଚାକିରି ସୁଯୋଗ ଆଜି ପର୍ଯ୍ୟନ୍ତ ମିଳିପାରୁନଥିବା ଜଣାପଡ଼ିଛି ଏବଂ ଅଞ୍ଚଳର ବର୍ତ୍ତମାନ ଲୋକମାନେ ଆମର ଅସୁବିଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଧାନ କରାଯାଉ ବୋଲି ଦାବି କରିଛନ୍ତି ନ ହେଲେ ଆମେ ନ୍ୟାୟ ପାଇଁ ରାଜ ରାସ୍ତାରେ ଆନ୍ଦୋଳନ କରିବୁ ବୋଲି ଚେତବାନୀ ଦେଇଛନ୍ତି । ଏଥିମଧ୍ୟରେ ରାୟଗଡ଼ା ଜିଲ୍ଲାର ଭାରତ ଗଣତାନ୍ତ୍ରିକ ଯୁଗ ଫେଡ୍ରେସନ୍ ଆବାହକ ଶ୍ରୀ ଦୋରା କଣ୍ଡାଗରୀ ଭଲମନ୍ଦ ବୁଝାବୁଝି କରିଥିଲେ ଏବଂ ଅଞ୍ଚଳର ଲୋକମାନଙ୍କୁ ଭରସା ଦେଇଥିଲେ ଆମେ ଜିଲ୍ଲା ପ୍ରଶାସନକୁ ଏହାର ସମାଧାନ ପାଇଁ ଅନୁରୋଧ କରିବୁ, ରାୟଗଡ଼ା ବିଧାନସଭା ମଣ୍ଡଳୀର ବିଧାୟକଙ୍କୁ ଓ କୋରାପୁଟ୍ ଲୋକସଭା ସାଂସଦଙ୍କୁ ମଧ୍ୟ ଏହାର ସମାଧାନ ପାଇଁ ଅନୁରୋଧ କରିବୁ । ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି କରିବୁ । ଆମେ ଆପଣଙ୍କର ପାଇଁ ଆନ୍ଦୋଳନ ମଧ୍ୟ କରିବୁ କହିଛନ୍ତି । ବର୍ତ୍ତମାନ ଦେଖିବାକୁ ବାକି ରହିଲା ଏହି ଗ୍ରାମବାସୀଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

## ରାସ୍ତାର ଦୂରାବସ୍ଥା ଯୋଗୁଁ ରୋଗୀ ବୁହାହେଲେ ଖଟିଆରେ

ଜଳେଶ୍ୱର, ୨୫/୮ (ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖାଲିନା ପଂଚାୟତର ସେହିଗାଁରେ ରାସ୍ତାଗୁଡିକ କର୍ଦ୍ଦମାକ୍ତ ଓ ନିର୍ମାଣ ହୋଇନଥିବାରୁ ଲୋକେ ପାଣି କାଦୁଅରେ ଯାତାୟାତ କରିଥାନ୍ତି । ସେହି ଗାଁର ୱାର୍ଡ ନଂ ୮ କାଳିଚରଣ ଭୂୟାଁଙ୍କ ସ୍ତ୍ରୀ କମଳି ଭୂୟାଁ ଅସୁସ୍ଥ ଥିବାରୁ ତାଙ୍କୁ ଜଳେଶ୍ୱର ଚିକିତ୍ସାପାଇଁ ଆଣିବାଲାଗି ୧୦୮ ଯାଇପାରିନଥିଲା । ଏପରିକି ଟେମ୍ପୋ ମଧ୍ୟ ଯାତାୟାତ କରିପାରୁନଥିବାରୁ ଗାଁ ଲୋକେ ଖଟିଆରେ ରୋଗୀକୁ ଆଣି ଦୂରସ୍ଥାନରେ ଥିବା ଟେମ୍ପୋରେ ହସ୍‌ପଟାଲ ପଠାଇଥିଲେ । ଏପରି ଏକ ଭିଡିଓ ଜଳେଶ୍ୱର ଅଂଚଳରେ ଭାଇରାଲ ହେବାରେ ଲାଗିଛି । ଗ୍ରାମ୍ୟ ରାସ୍ତାଗୁଡିକ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୨୦୨୨ ସୁଦ୍ଧା ସବୁ ଗରିବ...

ସହର ପାଇଁ ଅଗ୍ରୀମ ଆକାରରେ ପ୍ରଥମ କିସ୍ତିସ୍ୱରୂପ ୨୭୧.୭୫ କୋଟିର ଲାଭ ଓଡ଼ିଶା ପାଇଛି । ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସ୍ମାର୍ଟ ସିଟି ମିଶନ ଅଧୀନରେ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଓଡ଼ିଶା ପାଇଁ ୨୦୩.୯୩ କୋଟି ମଞ୍ଜୁର କରିଛି । ଭୁବନେଶ୍ୱର ଏବଂ ରାଉରକେଲାକୁ ସ୍ମାର୍ଟ ସହର ଭାବେ ବିକଶିତ କରାଯିବା ; ରାଜ୍ୟର ସମଗ୍ର ଭିତିଭୂମି ଏବଂ ସଂଯୋଗକୁ ତ୍ୱରାନ୍ୱିତ କରୁଛି । ପାରାଦୀପକୁ ସ୍ମାର୍ଟ ବନ୍ଦର ସହର ଭାବରେ ବିକଶିତ କରାଯିବା ମୋଦି ସରକାରଙ୍କ ଓଡ଼ିଶାକୁ ଭବିଷ୍ୟତ ପାଇଁ ଉପଯୁକ୍ତ ଏବଂ ବିକଶିତ ରାଜ୍ୟ ଭାବେ ଗଢ଼ିବା ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ ଟ୍ୱିଟ୍ କରି କହିଛନ୍ତି ।

## ଜଗନ୍ନାଥଙ୍କ ଜମିବିକ୍ରିକୁ...

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ମଧ୍ୟ ଛାଡ଼ି ନାହାନ୍ତି । ନବକଳେବର ସମୟର ଅନିୟମିତତା ହେଉ ବା ବେଦାନ୍ତକୁ ବିଶ୍ୱବିଦ୍ୟାଳୟ ପାଇଁ ଅମୃତମଣୋହି ଜମି ଦେବା ପ୍ରସଙ୍ଗହେଉ ସବୁଠାରେ ସରକାରଙ୍କର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ଉଠିଛି । ମହାପ୍ରଭୁଙ୍କର ରତ୍ନଭଣ୍ଡାରର ଚାବି ହଜିବା ପ୍ରସଙ୍ଗରେ କେବଳ କମିଶନ ନିଯୁକ୍ତିରେ ସରକାର ତାଙ୍କର ଦାୟିତ୍ୱ ସାରିଦେଲା ଭଳି ମନେ ହେଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ବର୍ତମାନ ୧୯୦୫ ମସିହାରୁ ଗରିବ ଭକ୍ତମାନଙ୍କର ପୁରୀରେ ରହଣି ପାଇଁ ଦାନ ସୂତ୍ରରେ ମିଳିଥିବା କୋଟି କୋଟି ଟଙ୍କାର ବଗଳା ଧର୍ମଶାଳା ସମ୍ପତିକୁ କେତେଜଣ ଲଜ ମାଲିକଙ୍କୁ ବେଆଇନ ଭାବେ ବିକ୍ରି କରିଛନ୍ତି । ଶ୍ରୀ ମନ୍ଦିର ଚାରିପାଖରେ ୭୫ମିଟର ଜାଗାକୁ ଖାଲି କରିବା ପାଇଁ ସରକାର ଅନେକ ବ୍ୟକ୍ତିଗତ ଜମିକୁ ଅଧିଗ୍ରହଣ କରିଛନ୍ତି ଓ ସେମାନଙ୍କୁ ମଧ୍ୟ ସରକାରୀ ତହବିଲରୁ ବଜାର ମୁତାବକ ଅର୍ଥ ପ୍ରଦାନ କରାଯାଇଛି । ଖାଲି ସେତିକି ନୁହେଁ ମୁଖ୍ୟମନ୍ତ୍ରୀଙ୍କର ନିର୍ବାଚନ ମଣ୍ଡଳୀ ଗଞ୍ଜାମର ହିଞ୍ଜିଳିକାଟୁ ଅଂଚଳରୁ ହଜାର ହଜାର ଟ୍ରକ ବାଲି ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିବାର ବିରୋଧ କରି ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିଥିବା ଗ୍ରାମବାସୀଙ୍କ ଉପରେ ପୋଲିସ୍‌ର ଲାଠି ଚାଳନା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ । ଏନେଇ ଆଇନ ମନ୍ତ୍ରୀ ବା ରାଜସ୍ୱ ମନ୍ତ୍ରୀ ତାଙ୍କର ମତ ସ୍ପଷ୍ଟ କରିବା ପାଇଁ ସେ ଦାବି କରିଛନ୍ତି ।

## କରୋନାରେ କ୍ଷତିଗ୍ରସ୍ତ ଗ୍ରାମୀଣ...

ଉତ୍ପାଦକ ଗୋଷ୍ଠୀ ଏହି ଋଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ପ୍ୟାକେଜ-୩ ରେ ଅତିଗରିବ କିମ୍ବା ଅସହାୟ ପରିବାର ଯଥା ଦିବ୍ୟାଙ୍ଗ, ଆଦିମ ଜନଜାତି, ବିଧବା, ତୃତୀୟଲିଙ୍ଗୀ, ନିରାଶ୍ରୟ, ମହିଳା ମୁଖ୍ୟ ଥିବା ପରିବାର ଇତ୍ୟାଦିଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗ ତଥା ଜୀବିକାର ଉନ୍ନତି ନିମନ୍ତେ ୨୦,୦୦୦ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ । ଅନ୍ତିମ ତଥା ପ୍ୟାକେଜ-୪ରେ କୋଭିଡ-୧୯ ମହାମାରୀ ସମୟରେ ରାଜ୍ୟକୁ ଫେରିଥିବା କୁଶଳୀ ଓ ଅର୍ଦ୍ଧକୁଶଳୀ ପ୍ରବାସୀ ଶ୍ରମିକଙ୍କ ଦ୍ୱାରା ଉଭୟ ପୁରୁଣା ଉଦ୍ୟୋଗର ବିକାଶ ତଥା ନୂତନ ଉଦ୍ୟୋଗର ଆରମ୍ଭ ନିମନ୍ତେ ୧ଲକ୍ଷଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗୋଷ୍ଠୀ ଭିତିକ ସଂସ୍ଥା ଯଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଂଚଳିକ ମଂଚ ଗ୍ରାମ ପଂଚାୟତସ୍ତରୀୟ ସଂଘ ଉଦ୍ୟୋଗ ତଥା ଉତ୍ପାଦକ ଗୋଷ୍ଠୀ ଏହି ପ୍ୟାକେଜକୁ କାର୍ଯ୍ୟକାରୀ କରିବା ନିମନ୍ତେ ସହାୟତା ପ୍ରଦାନ କରିବେ । ଏହି ସ୍ୱତନ୍ତ୍ର ପ୍ୟାକେଜ ଘୋଷଣାର ୬ମାସ ପର୍ଯ୍ୟନ୍ତ ବୈଧ ରହିବ । ଏହି ବାବଦରେ ଆଂଚଳିକ ମଂଚ, ଗ୍ରାମ ପଂଚାୟତ ସ୍ତରୀୟ ସଂଘ ପାଖରେ ମହଜୁଦ ଥିବା ବଳକା ଅର୍ଥ ରାଶି ଆନୁମାନିକ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବାର ଲକ୍ଷ୍ୟ ରଖାଯାଇଛି । ଗ୍ରାମାଂଚଳରେ ବସବାସ କରୁଥିବା ଗରିବ ଓ ଅତିଗରିବ ପରିବାରମାନଙ୍କ ଜୀବିକା ବିକାଶ ପାଇଁ ରାଜ୍ୟ ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଇତ୍ୟାଦି ଏହି ଦିଗରେ କାର୍ଯ୍ୟ କରିବେ ।

## ପିଏମ୍ ଆବାସ ନିର୍ମାଣରେ...

ଗୋଲକ ମହାପାତ୍ର ଖୋଲା ଆହ୍ୱାନ ଦେଇଛନ୍ତି । ରାଜ୍ୟସାରା କେବଳ କାଗଜପତ୍ରରେ ଘର ହୋଇଛି ବୋଲି ଦର୍ଶାଇ ବିଜେଡି ନେତା ଓ ଅଫିସରମାନେ କୋଟି କୋଟି ଟଙ୍କା ହଡପ କରିଛନ୍ତି । ବିଗତ ଦିନରେ ମିଛ କାଗଜ ଦେଖାଇ ପୁରସ୍କାର ନେବାରେ ଅଗ୍ରଣୀ ରାଜ୍ୟ ହେଉଛି ଓଡିଶା ବୋଲି ଶ୍ରୀ ମହାପାତ୍ର କଟାକ୍ଷ କରି କହିଛନ୍ତି । ଦୁର୍ବଳ ଜନଜାତି ଗୋଷ୍ଠୀ ବା ପି.ଭି.ଟି.ଜି ଅନ୍ତର୍ଭୁକ୍ତ ଜୁଆଙ୍ଗ ଜନଜାତିମାନଙ୍କୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି । ବିଜେପି ସଦାସର୍ବଦା ସମାଜର ଶେଷ ଧାଡିରେ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ କାର୍ଯ୍ୟ କରୁଥିବାବେଳେ ରାଜ୍ୟସରକାର ଜୁଆଙ୍ଗମାନଙ୍କୁ ଅଣଦେଖା କରିଚାଲିଛନ୍ତି । ପ୍ରଧାନମନ୍ତ୍ରୀ ଆବାସର ଦୁର୍ନୀତି କେନ୍ଦୁଝର ଜିଲ୍ଲାରେ ଏହି ଖରବା ଗାଁ କେବଳ ଭାତହାଣ୍ଡିର ଗୋଟିଏ ଭାତ ସଦୃଶ୍ୟ । ଏହି ଦୁର୍ନୀତି ସାରା ଓଡିଶାରେ ବ୍ୟାପିଛି । ଶାସକ ଦଳର ମୁଖପାତ୍ର ଖରବା ଗାଁରେ ହାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୂର୍ନୀତି ସଂପର୍କରେ ନିର୍ଦ୍ଦିଷ୍ଟ ଭାବେ ଉତର ରଖିବାକୁ ଶ୍ରୀ ମହାପାତ୍ର ଦାବୀ କରିଛନ୍ତି ।

## ରାଜ୍ୟରେ ଆଉ ୯ ଜଣଙ୍କର...

ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୬୮ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୫୧ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।

## ଭୁବନେଶ୍ୱରରେ...

୧୭୩ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ଚନ୍ଦ୍ରଶେଖରପୁରସ୍ଥିତ ୭ମ ବାଟାଲିଅନ୍‌ରୁ ୧୩ ଜଣ ଓ ଝାରପଡ଼ା ଜଗନ୍ନାଥ ନଗରରୁ ୧୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଭରତପୁରରୁ ୬ , ସାଲିଆ ସାହି ଆଦିବାସୀ ଗାଁ, କଳିଙ୍ଗ ନଗର, ଜଗନ୍ନାଥ ବସ୍ତି ନୟାପଲ୍ଲୀରୁ ୪ ଜଣ ଲେଖାଏଁ, ଡୁମଡୁମା ସୁବାଷ ନଗର, ବରମୁଣ୍ଡା, ଆଇଆରସି ଭିଲେଜ, ସତ୍ୟନଗର କାଳୀମନ୍ଦିର ରୋଡ, ଭରତପୁର, ମଧୁସୂଦନ ନଗରରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଅନ୍ୟପକ୍ଷରେ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ନିଳାଦ୍ରୀ ବିହାର, ଘାଟିକିଆ, ଖାରବେଳ ନଗର, ଜାଗମରା ଓ ବିଡିଏ କଲୋନିରୁ ୩ ଜଣ ଲେଖାଏଁ, କଳିଙ୍ଗ ବିହାର, ନୟାପଲ୍ଲୀ, ନୟାପଲ୍ଲୀ ବେହେରା ସାହି, ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ମନ୍ଦିର ନିକଟ, ବରମୁଣ୍ଡା ମହାବୀର ବସ୍ତି, ସାଲିଆ ସାହିରୁ ୨ ଜଣ ଲେଖାଏଁ ରହିଛନ୍ତି । ଅନ୍ୟପକ୍ଷରେ ମଙ୍ଗଳବାର ଭୁବନେଶ୍ୱରରରୁ ମୋଟ୍ ୧୬୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିରେ ପଟିଆ ବିଗବିଜାରର ୧୨ ଜଣ ଓ ନୟାପଲ୍ଲୀରୁ ୧୪ ଜଣ ଅଛନ୍ତି । ସେହିପରି ୟୁନିଟ-୮ ସରକାରୀ ହାଇସ୍କୁଲ ଅଂଚଳରୁ ଓ ବୁଦ୍ଧନଗରରୁ ୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ରାୟଗଡ଼ା ଜିଲ୍ଲାରେ ଆଜି ପୁଣି ୧୭୭ ଚିହ୍ନଟ: ମୃତ୍ୟୁ ସଂଖ୍ୟା ୨୧ ଓ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୪୨୦ରେ ପହଞ୍ଚିଲା

ରାୟଗଡ଼ା ,୨୫।୮ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ କରୋନା ତାର କାୟା ହୁ ହୁ ହୋଇ ବିସ୍ତାର କରିବାରେ ଲାଗିଛି । ଆଜି ଚିହ୍ନଟ ହୋଇଥିବା ୧୭୭ ଆକ୍ରାନ୍ତଙ୍କ ମଧ୍ୟରୁ ୧୦୨ ଜଣ ପୁରୁଷ ଥିବାବେଳେ ୭୫ ଜଣ ମହିଳା ଅଛନ୍ତି । ସମସ୍ତ ଆକ୍ରାନ୍ତ ଘରୋଇ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ୧୩୦ ଜଣ ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଅନ୍ୟ ଜିଲ୍ଲାରୁ ଆସିଥିବା ସୂଚନା ମିଳିଛି । ଏଥି ସହିତ ୧୪ ଜଣ କରୋନା ଯୋଦ୍ଧା ଆକ୍ରାନ୍ତ ହୋଇଛନ୍ତି । ରାୟଗଡ଼ା ପୌରାଞ୍ଚଳରୁ ୧୧, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୩, କୋଲନରାରୁ ୧୮, ବିଷମକଟକରୁ ୧୩, ମୁନିଗୁଡ଼ାରୁ ୧୧, ଚନ୍ଦ୍ରପୁରରୁ ୬୯, ଗୁଡ଼ାରୀରୁ ୧୭, ରାମନଗୁଡ଼ାରୁ ୧୦ ଏବଂ କାଶିପୁରରୁ ୧୫ ଜଣ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସର୍ବମୋଟ୍ ୩୪୨୦ରେ ପହଞ୍ଚି ସାରିଛି ଏବଂ ୧୯୨୪ ଜଣ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି ଏବଂ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୧ରେ ପହଞ୍ଚିଛି । ୧୪୭୫ ଜଣ ଜିଲ୍ଲାରେ ଥିବା ବିଭିନ୍ନ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିବା ସହ ଘରୋଇ ସଙ୍ଗରୋଧରେ ମଧ୍ୟ ରହି ଚିକିତ୍ସିତ ହେଉଛନ୍ତି ।

# ଶାଳିକୋଠା ସ୍କୁଲ ପରିସରରେ ୫୦ଜଣଙ୍କ ଆଣ୍ଟିଜେନ୍ ପରୀକ୍ଷା : ୪ ପଜେଟିଭ୍

ଜଳେଶ୍ୱର,୨୫।୮ (ନି.ପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ କରୋନା ପଜେଟିଭ୍ ସଂଖ୍ୟା ବଢୁଥିବା ଯୋଗୁଁ ଆଜି ପ୍ରଶାସନ ପକ୍ଷରୁ ଆରୁହା ପଂଚାୟତର ଶାଳିକୋଠା ସ୍କୁଲ ପରିସରରେ ୫୦ଜଣଙ୍କର ଆଣ୍ଟିଜେନ୍ ପରୀକ୍ଷା କରାଯାଇଛି । ସେମାନଙ୍କ ମଧ୍ୟରୁ ୪ଜଣ ପଜେଟିଭ୍ ଥିବାରୁ ଚିକିତ୍ସାର ବ୍ୟବସ୍ଥା କରାଯାଉଥିବାର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି । ହାତୀଗଡ ସିଏଚ୍‌ସିର ପିଏଚ୍‌ଇଓ ଫକୀର ମୋହନ ପ୍ରଧାନ, ଏଏନ୍‌ଏମ୍ ରାଣୀ ଘଡାଇ, ପ୍ରିୟଦର୍ଶନୀ ପୃଷ୍ଟି, ଆଶା ସଂଧ୍ୟାରାଣୀ ଚନ୍ଦ୍ର, ଅନନ୍ଦପୂର୍ଣ୍ଣା ସାମଲ, ଗିତାଞ୍ଜଳି ଗିରି ଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରୁ ଲେଲିନ୍ କୁମାର ପ୍ରଧାନ, ପ୍ରଦୀପ ମହାନ୍ତି, ଜୟନ୍ତ ସାହୁ, ସୁକୁମାର ଦାସ, ଦେବଦତ୍ତ ପ୍ରଧାନ, ସୁବାଶିଶ ପ୍ରଧାନ, ବିଜୟ ଗିରି, ବାପି ସିଂ, ପ୍ରଫୁଲ୍ଲ ବେହେରା, ଗଗନ ଗିରି ପ୍ରମୁଖ ସହାୟତା କରିଥିଲେ ।

# ଭୁବନରେ ପରିବା ଦର ଆକାଶ ଛୁଆଁ

ଭୁବନ, ୨୫ ଅଗଷ୍ଟ (ହି.ସ.) - ଲଗାତର ଲକଡାଉନ ଓ ସଟଡାଉନ ଆଳରେ ଭୁବନରେ ପରିବା ଦର ଏବେ ଆକାଶ ଛୁଆଁ ହୋଇଛି । ମହାମାରୀ କରୋନା ସକାଶେ ଯେତେବେଳେ ମାର୍ଚ୍ଚ ମାସ ଶେଷ ସପ୍ତାହରେ ଲକଡାଉନ ଆରମ୍ଭ ହେଲା ସେହି ସମୟରେ କେତେକ ଅସାଧୁ ବ୍ୟବସାୟୀ ଆଳୁ ପିଆଜ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଷ୍ଟକ ରଖି ଉଚ୍ଚା ଦରରେ ବିକ୍ରି କରିବାରୁ ପ୍ରଶାସନ ତରଫରୁ ବ୍ୟବସାୟୀ ଙ୍କୁ ତାଗିଦ କରାଯିବା ସହିତ ସେମାନଙ୍କ ଗୋଦାମ ଚଢାଉ କରାଯାଇ ଆଳୁ କିଲୋ ପିଛା ସର୍ବାଧିକ ୨୦ ଟଙ୍କାରେ ବିକ୍ରି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ଦୋକାନରେ ଆଳୁ ଦର ସମେତ ବିଭିନ୍ନ ସାମଗ୍ରୀର ଦର ତାଲିକା ମଧ୍ୟ ଟଙ୍ଗା ଯାଇଥିଲା । ନିୟମିତ ଭାବେ ୫/୬ ମାସ ଲକଡାଉନ,ସଟଡାଉନ ଲାଗିରହିଥିବାରୁ ବ୍ୟବସାୟୀ ମାନେ ଏହାର ସୁଯୋଗରେ ଏବେ ପରିବା ଦର ହଠାତ୍ ବଢାଇ ଦେଇଛନ୍ତି । ଆଳୁ,ପିଆଜ ଦର କିଲୋ ପିଛା ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବାଇଗଣ, ଟମାଟୋ, ଭେଣ୍ଡି, ପୋଟଳ, କାଙ୍କଡ,ଗାଜର,କଲରା କିଲୋ ପିଛା ୬୦ ଟଙ୍କାରେ ବିକ୍ରି ହେଉଛି । ଫୁଲକୋବି,ବନ୍ଧା କୋବି ଗୋଟା ୫୦/୬୦ ଟଙ୍କା,ଝୁଡଙ୍ଗ ୪୦ ଟଙ୍କା, କଖାରୁ ୨୦ ଟଙ୍କା, ଅମୃତଭଣ୍ଡା ୩୦ ଟଙ୍କା,ଲଙ୍କା ୧୨୦ ଟଙ୍କା,ଲେମ୍ବୁ ଗୋଟା ୫ ଟଙ୍କା,ଧନିଆ ପତ୍ର ଶହ ୧୦ ଟଙ୍କା ରେ ବିକ୍ରି ହେଉଛି । ପ୍ରଶାସନର କୌଣସି ଅଙ୍କୁଶ ରହୁନଥିବାରୁ ପରିବା ବେପାରୀ ମାନେ ମନଇଚ୍ଛା ଦର କଷୁଛନ୍ତି । ଲକଡାଉନ,ସଟଡାଉନ ଯୋଗୁ ଶ୍ରମିକମାନେ କାମଧନ୍ଦା ପାଉନଥିବା ବେଳେ ବ୍ୟବସାୟୀ ମାନେ ମଧ୍ୟ ସପ୍ତାହକୁ ମାତ୍ର ଦୁଇଦିନ ଦିନ ୨ ଟା ପର୍ଯ୍ୟନ୍ତ ଦୋକାନ ଖୋଲୁଛନ୍ତି । ବେପାର ମାନ୍ଦା ଯୋଗୁ ସେମାନେ ମଧ୍ୟ ପରିବା ଦର ଉଚ୍ଚା ଯୋଗୁ ହଇରାଣ ହରକତ ହେଉଛନ୍ତି ।

# ରାଜସ୍ଥାନରେ ୬ ଜିଲ୍ଲାରେ ୬୯୫ ନୂଆ ସଂକ୍ରମିତ : ୬ ଜଣଙ୍କ ମୃତ୍ୟୁ

ଜୟପୁର, ୨୫ ଅଗଷ୍ଟ (ହି.ସ.) – ରାଜସ୍ଥାନରେ କରୋନା ସଂକ୍ରମଣରେ ମଙ୍ଗଳବାର ସକାଳେ ୬ ଜିଲ୍ଲାରେ ୬୯୫ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସଂକ୍ରମଣ ଯୋଗୁଁ ୬ ରୋଗୀଙ୍କ ମୃତ୍ୟୁ ହୋଇଛି । ରାଜ୍ୟରେ ଏବେ ମୋଟ ସଂକ୍ରମିତ ୭୨ ହଜାର ୬୫୦ରେ ପହଂଚିଛି । ୯୭୩ ରୋଗୀ ସଂକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ଖୁସିର ଖବର କି ମୋଟ ସଂକ୍ରମଣର ୫୬ ହଜର ୭୯୪ ରୋଗୀ ଏହି ମହାମାରୀକୁ ମାତ ଦେଇ ସୁସ୍ଥ ହୋଇଛନ୍ତି । ଏବେ କରୋନାର ୧୪,୮୮୩ ସକ୍ରିୟ ମାମଲା ରହିଛି । ପ୍ରଦେଶରେ ମଙ୍ଗଳବାର ସକାଳ ସୁଦ୍ଧା କରୋନା ସଂକ୍ରମଣ କାରଣରୁ ରାଜଧାନୀ ଜୟପୁରରେ ୩, ବୁନ୍ଦିରେ ୨ ତଥା ଉଦୟପୁରରେ ୧ ରୋଗୀର ମୃତ୍ୟୁ ହୋଇଛି । ଯୋଧପୁରରେ ସର୍ବାଧିକ ୧୬୧, କୋଟାରେ ୧୩୭, ଭିଲୱାଡ଼ାରେ ୧୧୯, ଜୟପୁରରେ ୧୧୫ ଓ ଅଳବରରେ ୫୯ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭିଲୱାଡ଼ା ଜିଲ୍ଲାକୁ ନେଇ ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ି ଯାଇଛି । ରାଜସ୍ଥାନରେ ୨ ମାର୍ଚ୍ଚକୁ ପ୍ରଥମେ ଜୟପୁରର ୨ଇଟାଲି ନାଗରିକ ସଂକ୍ରମିତ ମିଳିବା ପରେ କରୋନାର ଆରମ୍ଭ ଭିଲୱାଡ଼ା ଜିଲ୍ଲାରୁ ହୋଇଥିଲା । ସଂକ୍ରମଣକୁ କାବୁ କରାଯିବା ପରେ ୨-୩ ଦିନ ପରେ ସଂକ୍ରମିତଙ୍କ ସଂଖ୍ୟା ଅପ୍ରତ୍ୟାସିତ ଭାବେ ବଢ଼ିଚାଲିଛି । ଚିକିତ୍ସା ବିଭାଗଙ୍କ କହିବା ଅନୁସାରେ ଏବେ ସୁଦ୍ଧା ଯୋଧପୁରରେ ୧୦ ହଜାର ୮୫୬, ଜୟପୁରରେ ୯୧୩୩, ଅଳବର ରେ ୬୯୪୬, କୋଟାରେ ୪୨୮୭, ବିକାନେରରେ ୩୯୬୨, ଅଜମେରରେ ୩୭୨୯, ପାଲିରେ ୩୬୯୧, ଭରତପୁରରେ ୩୫୪୦, ସୀକରରେ ୨୩୮୨, ନାଗୌରରେ ୨୨୧୩, ଉଦୟପୁରରେ ୨୧୭୦, ଧୋଲପୁରରେ ୨୧୫୪, ବାଡ଼ମେରରେ ୨୧୩୪ ଜଣ ସଂକ୍ରମଣ ଚିହ୍ନଟ ହୋଇଛନ୍ତି । ଭିଲୱାଡ଼ାରେ ୧୯୭୩, ଜାଲୋରରେ ୧୩୨୦, ସିରୋହୀରେ ୧୧୫୬, ଝାଲୱାଡ଼ାରେ ୧୧୫୦, ରାଜସମନ୍ଦରେ ୧୦୩୪ ରୋଗୀ ମିଳିଛନ୍ତି । ଏହାବାଦ ଝୁନଝୁନରେ ୯୩୭, ଡୁଙ୍ଗରପୁରରେ ୮୮୦, ଚୁରୁରେ ୮୫୨, ଚିତୌଡ଼ଗଡ଼ରେ ୭୪୪, ଶ୍ରୀଗଂଗାନଗରରେ ୫୭୩, ଟୋଂକରେ ୫୪୮, କରୌଲିରେ ୫୪୩, ଦୌସାରେ ୪୭୯, ବୁନ୍ଦିରେ ୪୬୫, ବାଂସବାଡ଼ାରେ ୪୪୨, ବାରାଂରେ ୪୨୯, ପ୍ରତାପଗଡ଼ରେ ୩୮୧, ହନୁମାନଗଡ଼ରେ ୩୬୪, ଜୈସଲମେରରେ ୩୧୪, ଅନ୍ୟ ପ୍ରଦେଶରେ ୧୮୯ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି ।

# ପାରାଦ୍ୱୀପ : ଗୋଟିଏ ଦିନରେ ଜଗତସିଂହପୁର ଜିଲ୍ଲାରେ ୧୦୦ ଟପିଲେ କୋରୋନା ପଜିଟିଭ୍

## ପାରାଦ୍ୱୀପ ଅଞ୍ଚଳରୁ ରେକର୍ଡ ସଂଖ୍ୟକ ୫୭ ପଜିଟିଭ୍ ଚିହ୍ନଟ

ପାରାଦ୍ୱୀପ,୨୫।୮ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ୧୦୧ ଜଣ କୋରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଯାହାକି ଏପର୍ଯ୍ୟନ୍ତ ରେକର୍ଡ କରିଛି । ସେହିଭଳି ପାରାଦ୍ୱୀପ ଅଞ୍ଚଳରୁ ୫୭ପଜିଟିଭ୍ ଚିହ୍ନଟ ହୋଇ ରେକର୍ଡ ସୃଷ୍ଟି କରିଛି ସଂକ୍ରମଣରେ । ଜିଲ୍ଲାରେ ବାଲିକୁଦା ଅଞ୍ଚଳରୁ ୨, ଏରସମା ୩ଜଣ, କୁଜଙ୍ଗରୁ ୩୩ଜଣ, ରଘୁନାଥପୁର ରୁ ଜଣେ, ଜଗତସିଂହପୁର ବ୍ଲକରୁ ୩ଜଣ ଓ ତିର୍ତ୍ତୋଲ ଅଞ୍ଚଳରୁ ୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପାରାଦ୍ୱୀପ ଅଞ୍ଚଳର ପାରାଦ୍ୱୀପ ଫସଫେଟ୍‌ସ୍ ଲିମିଡେଡ୍(ପିପିଏଲ୍) ଅଞ୍ଚଳରୁ ସର୍ବାଧିକ ୩୪ଜଣ ଚିହ୍ନଟ ହୋଇଥିବା ବେଳେ ୧୪ଜଣ ଜେଏସ୍‌ଡବ୍ଲ୍ୟୁ ପାରାଦ୍ୱୀପ ରୁ ଚିହ୍ନଟ ହୋଇଛନ୍ତି । ଯାହା ଏବେ ପାରାଦ୍ୱୀପବାସୀ ଙ୍କ ପାଇଁ ଚିନ୍ତା ବଢେଇ ଦେଇଛି । ପୂର୍ବରୁ ପିପିଏଲ୍‌ରେ କରୋନା ପଜିଟିଭ୍ ଚିହ୍ନଟ ହୋଇ ମୃତ୍ୟୁବରଣ କରିଥିବା ବେଳେ ଜିଲ୍ଲାପାଳ ସେଠାରେ ପହଞ୍ଚି ଟେଷ୍ଟକୁ ଗୁରୁତ୍ୱ ଦେଇଥିଲେ । ଯାହା ଫଳରେ ଗୋଟିଏ ଦିନରେ ୩୪ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସଠିକ୍ ପଦକ୍ଷେପ ଯୋଗୁଁ ଏହା ସଫଳ ହୋଇଛି । ଜିଲ୍ଲାରେ ଗୋଟିଏ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ଚିନ୍ତା ବଢାଇଦେଇଛି । ମଙ୍ଗଳବାର ସୁଧା ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୭୯ରେ ପହଞ୍ଚିଥିବା ବେଳେ ୧୦୧୬ଜଣ ସୁସ୍ଥ ହୋଇଥିବାବେଳେ ୪୬୧ ଜଣଙ୍କ ଚିକିତ୍ସା ଜାରୀ ରହିଛି ।

OFFICE OF THE SUPERINTENDENT
PANDIT RAGHUNATH MURRMU MEDICAL COLLEGE & HOSPITAL
BARIPADA, MAYURBHANJ, 757001

Request for proposal (RSP) for supply of medical Equipments, Instrument & Furniture to PRM Medical College and Hospital, Baripada.

Adv. No 2461 Date: 20.08.2020

Sealed Proposals as per the RFP documents are invited from interested eligible bidders having adequate experience in taking up the work of "Supply of Medical Equipments, Instrument & Furniture to PRM Medical College and Hospital, Baripada." The eligibility criteria and the detail requirement of the said service along with the formats for submission for proposal can be downloaded from the district website i.e.www.mayurbhanj.nic.in. The tender should reach the office of the unersigned within 5.30 PM of Dt. 09.09.2020 and tender will be opened on Dt. 10.09.2020 at 11 AM in the committee hall of PRM MCH, Baripada, Mayurbhanj. The undersigned will not be held responsible for any postal delay and reserves the right to reject any or all the tenders without assigning reason thereof.

sd/-
superintendent
OIPR: 10120/11/0007/2021 PRM MCh, Baripada, Mayurbhanj

# ଅତଲାପୁର ପଂଚାୟତରେ ବରୀ ବିଧାୟିକା ବର୍ଷା ଜଳ ନିଷ୍କାସନ ନିମନ୍ତେ କଲେ ଆଲୋଚନା

ଧର୍ମଶାଳା,୨୫।୮ (ନି.ପ୍ର): ଗତ କିଛି ଦିନ ଧରି ଲଗାଣ ବର୍ଷା ଜାରି ରହିଛି । ଫଳରେ ଅନେକ ଗ୍ରାମଂଚଳରେ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଏନେଇ ଗ୍ରାମବାସୀ ବରୀ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ । ଫଳରେ ଆଜି ବରୀ ବିଧାୟିକା ସୁନନ୍ଦା ଦାସ ରସୁଲପୁର ବ୍ଲକ ଅତଲାପୁର ପଂଚାୟତର ସଂଖ୍ୟାଲଘୁ ସାହିର ୩,୫,୬,୭ ଓ ୮ ୱାର୍ଡରେ ଫଂହଚି ସ୍ଥାନୀୟ ଲୋକଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ବର୍ଷା ଜଳ ନିଷ୍କାସନ ହିଁ ଗ୍ରାମର ବର୍ତମାନ ମୁଖ୍ୟ ସମସ୍ୟା ରହିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏବଂ ବିଧାୟିକା ଏନେଇ ଆରଆଣ୍ଡବି ଏସଡିଓ ଓ କନିଷ୍ଠ ଯନ୍ତ୍ରୀ ସହ ଆଲୋଚନା କରିଛନ୍ତି । ଏଥିରେ ବରୀ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ଦେବେନ୍ଦ୍ର ଦାସଙ୍କ ସମେତ ଅତଲାପୁର ସରପଂଚ ପ୍ରଫୁଲ୍ଲ ସାହୁ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ ।

# ଆଜି ଚିହ୍ନଟ ହେଲେ ୫୮ : ସୁସ୍ଥ ୧୩୧ , ୮୯୯ ଆକ୍ରାନ୍ତ ଚିକିତ୍ସାଧିନ

ଭଦ୍ରକ,୨୫।୮: ଆଜି ଜିଲ୍ଲାରୁ ଆଉ ୫୮ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୩୧ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଆଜି ସୁଦ୍ଧା ୪୩ ହଜାର ୧୫୯ ନମୁନା ପରୀକ୍ଷା ହୋଇଥିବା ବେଳେ ମୋଟ ୨୨୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସାରିଛନ୍ତି । ସେମାନଙ୍କ ମଧ୍ୟରୁ ୧୩୧୮ଜଣ ସୁସ୍ଥ ହୋଇ ସାରିଥିବା ବେଳେ ବାକି ୮୯୯ଜଣ ଆକ୍ରାନ୍ତ ଏବେ ଚିକିତ୍ସାଧୀନ ଅଛନ୍ତି । ଜିଲ୍ଲାରୁ ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଚାନ୍ଦବାଲି ବ୍ଲକର ଘଟପୁର ପଞ୍ଚାୟତରୁ ୧୩ଜଣ, ଧାମନଗର ବ୍ଲକର ବୟାଗଡିହି ପଞ୍ଚାୟତରୁ ଜଣେ, ତିହିଡି ବ୍ଲକର ବାହାବଳପୁର ପଞ୍ଚାୟତରୁ ଜଣେ, କାଁପଡା ପଞ୍ଚାୟତରୁ ୧୧ ଚିହ୍ନଟ ହୋଇଛନ୍ତି । ବାସୁଦେବପୁର ବ୍ଲକର ବିନାୟକପୁର ପଞ୍ଚାୟତରୁ ଜଣେ, ନରସିଂହପୁର ପଞ୍ଚାୟତରୁ ଜଣେ, ଇରମରୁ ୨ଜଣ, ଲକ୍ଷ୍ମୀଦାସପୁର ପଞ୍ଚାୟତରୁ ଜଣେ, ରାଜଘରପୋଖରୀ ପଞ୍ଚାୟତରୁ ୩ଜଣ, ବାସୁଦେବପୁର ପୌରପାଳିକାର ବାଲିନଗରରୁ ୨ଜଣ, ଭଦ୍ରକ ବ୍ଲକର ଗେଲପୁର ପଞ୍ଚାୟତରୁ ଜଣେ, ଅଣ୍ଡେଇପଲ୍ଲୀରୁ ୨ଜଣ, ଭଦ୍ରକ ପୌରପାଳିକାର ୬ ନଂ ୱାର୍ଡର ୪ଜଣ, ୭ ନଂ ୱାର୍ଡରୁ ୨ଜଣ, ୪ ନଂ ୱାର୍ଡରୁ ଜଣେ, ୧୨ ନଂ ୱାର୍ଡରୁ ଜଣେ, ୧୬ ନଂ ୱାର୍ଡରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତରୁ ୫ଜଣ, ପାଟୁଳି ପଞ୍ଚାୟତରୁ ୨ଜଣ, ରଞ୍ଜିତ ପଞ୍ଚାୟତରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନ୍ୟ ଜିଲ୍ଲା ବାଲେଶ୍ୱରରୁ ୨ଜଣ ଚିହ୍ନଟ ହୋଇଛନ୍ତି ।

ବୁଧବାର,୨୬ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି



# ବରୀ ବିଧାୟିକାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେପି

ଭୁବନେଶ୍ୱର,୨୫।୮ (ନି.ପ୍ର): ବିଜେଡିର ମିଶ୍ରଣ ପର୍ବରେ ବରୀ ବିଧାୟିକା ସୁନନ୍ଦା ଦାସ ସର୍ବସମ୍ମୁଖରେ ବିଜେଡି ଦଳର ଅନ୍ୟ ଜଣେ ମହିଳାଙ୍କୁ ଆକ୍ଷେପ କରି ଅପଶବ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ଘଟଣାରେ ବିଧାୟିକା ଶ୍ରୀମତୀ ଦାସ କ୍ଷମା ପ୍ରାର୍ଥନା କରିବା ସହ ମୁଖ୍ୟମନ୍ତ୍ରୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଦାବି କରିଛନ୍ତି।

ଡ.ସାମନ୍ତସିଂହାର କହିଛନ୍ତି ଯେ, ବିଜେଡି ଦଳ କେବଳ ବଡ ବଡ ବିଜ୍ଞାପନରେ ମା' କୁ ସମ୍ମାନର କଥା କୁହେ କିନ୍ତୁ ବାସ୍ତବରେ ସେ ଦଳର ନେତା ଅବା କର୍ମୀମାନେ ପ୍ରତ୍ୟେକ ସ୍ତରରେ ମା' ଭଉଣୀମାନଙ୍କୁ ଅସମ୍ମାନିତ କରିଥାନ୍ତି। ମହିଳାଙ୍କ ଇଜ୍ଜତ ଲୁଟିବା, ଯୋଜନା କରାଇବା ନାଁରେ ମହିଳାଙ୍କ ସହ ଦୁଷ୍କର୍ମ କରିବା ଏବଂ ରାଜନୀତିର ପଶାପାଳିରେ ନିଜକୁ ସ୍ୱଚ୍ଛ ଦର୍ଶାଇ ଅନ୍ୟ ଜଣେ ଦଳୀୟ ମହିଳାଙ୍କୁ ଜଣକୁ ଆକ୍ଷେପ କରିବା ଆଦି ଏହି ଦଳର ନିତିଦିନିଆ ଘଟଣା । ଯଦି ବାସ୍ତବରେ ବିଜେଡିଦଳ ମା'ଙ୍କୁ ସମ୍ମାନ ଦେଉଛି ତେବେ ଖୋଦ୍ ମୁଖ୍ୟମନ୍ତ୍ରୀ ବି କାହିଁକି ପଦଟିଏ କହୁ ନାହାଁନ୍ତି ? ସେହି ମିଶ୍ରଣ ପର୍ବରେ ବିଧାୟିକା ଜଣଙ୍କ ପୂର୍ବତନ ବରୀ ବିଜେଡି ବିଧାୟକ କିପରି ଅନୈତିକ ଏବଂ ଭ୍ରଷ୍ଟାଚାର କରି ନିର୍ବାଚନ ଜିତିଥିଲେ, ସେକଥାକୁ ବି କହୁଛନ୍ତି । ବିଜେଡି ନେତାମାନେ ଅନୈତିକ ଉପାୟରେ ଭୋଟ ହାତେଇବା ପାଇଁ ମତଦାତାଙ୍କୁ ଆତଙ୍କିତ କରିଥାନ୍ତି । ଅନ୍ୟପଟେ କୋଭିଡ ୧୯ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରି ମିଶ୍ରଣ ପର୍ବ କରାଯାଇଛି । ବିନା ମାସ୍କ ଓ ସାମାଜିକ ଦୂରତାକୁ ଖାତିର ନକରି ଏହି ମିଶ୍ରଣ ପର୍ବ କରାଯାଇଥିଲା । କୋଭିଡ ନିୟମ ଉଲ୍ଲଂଘନ ହୋଇଥିବାରୁ ରାଜ୍ୟସରକାର ବିଧାୟିକା ଏବଂ ସେଠାରେ ଉପସ୍ଥିତ ଥିବା ବିଜେଡି ଦଳର ତୁଙ୍ଗ ନେତାଙ୍କ ବିରୁଦ୍ଧରେ ଦୃଢ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ବରୀ ବିଧାୟିକା ମହିଳାଙ୍କ ପ୍ରତି କହିଥିବା ଅପଶବ୍ଦ ଘଟଣାରେ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ବିଜେଡି ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ସଂପୃକ୍ତା ବିଧାୟିକାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡ.ସାମନ୍ତସିଂହାର ଦାବୀ କରିଛନ୍ତି ।

# ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ

## ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଧାରଣା ୨୭ରେ



ବାଲେଶ୍ୱର,୨୫।୮ (ନି.ପ୍ର): ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ ହସ୍ପିଟାଲ୍‌କୁ ଆସୁଥିବା ରୋଗୀମାନେ ଆବଶ୍ୟକ ଚିକିତ୍ସା ନପାଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ପରେ ସୋମବାର ଅପରାହ୍ଣରେ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ନିରଞ୍ଜନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗତ ସପ୍ତାହରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଦୁଲାଲ୍ ଚାନ୍ଦ୍, ଅଧକ୍ଷ ପର୍ଶୁରାମ ଜେନା, ଅଧ୍ୟାପକ ଶଶିକାନ୍ତ ଜେନାଙ୍କ ଭଳି ବହୁ ଲୋକ ମୃତ୍ୟୁବରଣ କରିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ଅଧିକାରୀଙ୍କ ଅବହେଳାରୁ ଏଭଳି ଘଟଣା ଘଟୁଥିବା ବିଷୟରେ ଏବଂ ପ୍ଲାଜ୍‌ମା ଥେରାପିରେ ଗୁରୁତର ରୋଗୀମାନେ ସୁସ୍ଥ ହେଉଥିବା ସମ୍ବାଦ ସରକାରୀ ଭାବେ ଦର୍ଶାଯାଉଥିବା ବେଳେ ବାଲେଶ୍ୱରରେ ତାହା ସଫଳ ହେଉନାହିଁ ବୋଲି କେତେକ ସଦସ୍ୟ ଅଭିଯୋଗ ଆଗତ କରିଥିଲେ । ଗତ ଶନିବାର ଦିନ ଦୁଲାଲ ଚାନ୍ଦଙ୍କ ମୃତ୍ୟୁ ଏହି ଅବହେଳାରୁ ଘଟିଥିବା ସମ୍ପର୍କରେ ତାଙ୍କର ପଡ଼ୋଶୀ ବୈଠକରେ ଉପସ୍ଥିତ ହୋଇ ବିଶଦ ବିବରଣୀ ଉପସ୍ଥାପିତ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସମସ୍ତ କଟକଣାକୁ ବାଲେଶ୍ୱର ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ପାଇଁ କଡ଼ାକଡ଼ି ଲାଗୁ କରିଥିଲେ ମଧ ସ୍ୱାସ୍ଥ୍ୟବିଭାଗ ତଥା ଜିଲ୍ଲା ପ୍ରଶାସନର ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ କରୋନା ଭୂତାଣୁ ସଂକ୍ରମଣରେ ସଂକ୍ରମିତ ହୋଇଥିବା ଘଟଣା ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି । କରୋନା ସହ ସମ୍ମୁଖ ଯୁଦ୍ଧରେ ଛାମୁଆ ବାହିନୀ କୁହାଯାଉଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଜଣେ ସାଧାରଣ ରୋଗୀ କରୋନା ସଂକ୍ରମିତ ଜାଣିବା ପରେ ସେମାନେ ସଂପୃକ୍ତ ରୋଗୀଙ୍କୁ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରୁନଥିବା ଅମାନବୀୟ କାର୍ଯ୍ୟ ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଛି । ସେହିପରି ବାଲେଶ୍ୱରରେ ପ୍ଲାଜ୍‌ମା ବ୍ୟାଙ୍କ୍ ପ୍ରତିଷ୍ଠା ହୋଇଥିଲେ ମଧ ରକ୍ତ ପୃଥକୀକରଣ କେନ୍ଦ୍ର ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ । ଆବଶ୍ୟକୀୟ ଯନ୍ତ୍ରାଂଶ ଦୀର୍ଘଦିନ ଧରି ବାଲେଶ୍ୱରରେ ପହଞ୍ଚିଥିଲେ ମଧ ବିଶେଷଜ୍ଞ ଡାକ୍ତର ଓ ଟେକ୍‌ନିସିଆନ୍ ନିଯୁକ୍ତି କରାଯାଉନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ । ବାଲେଶ୍ୱର ହସ୍‌ପିଟାଲ୍ ପରିସରରେ ଥିବା ଜନୌଷଧି କେନ୍ଦ୍ରକୁ ଇଚ୍ଛାକୃତ ଭାବେ ବନ୍ଦ କରିଦେବା ଦ୍ୱାରା ରୋଗୀମାନେ ଅଧିକ ଦାମ୍‌ରେ ବିଭିନ୍ନ କମ୍ପାନୀର ଔଷଧ କିଣିବାକୁ ବାଧ ହେଉଛନ୍ତି । ବାଲେଶ୍ୱରରେ ଉନ୍ନତ ସ୍ୱାସ୍ଥ୍ୟ ସେବାରୁ କୌଣସି ରୋଗୀ ବଞ୍ଚିତ ହେବେନାହିଁ ଦାବିରେ ବାଲେଶ୍ୱରରେ ଜନଆନ୍ଦୋଳନ ଗଢ଼ିଉଠିଥିଲା ଓ ୩ବର୍ଷ ତଳେ ତାହା ପ୍ରତିଷ୍ଠା ହୋଇଅଛି । କେନ୍ଦ୍ର ଓ ରାଜ୍ୟ ସରକାର ମଧ ଏହି ଉକ୍ତିକୁ କାର୍ଯ୍ୟକାରୀ କରିବାକୁ ସଂକଳ୍ପବଦ୍ଧ ହୋଇଅଛନ୍ତି । ଲଗାତାର ଭାବେ ସ୍ୱାସ୍ଥ୍ୟ ସଂପର୍କିତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଥିବାରୁ ତହିଁର ସୁଧାର ଆଣିବା ପାଇଁ ଚଳିତ ଅଗଷ୍ଟ ୨୭ ତାରିଖ ଗୁରୁବାରଦିନ ୧୦ଟାରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି, ବିଭିନ୍ନ ସାମାଜିକ ଗଣସଂଗଠନ ତଥା ବୁଦ୍ଧିଜୀବୀମାନେ ପ୍ରତୀକ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆହୂତ ବୈଠକରେ ଦୁଲାଲ୍ ଚାନ୍ଦ, ପର୍ଶୁରାମ ଜେନା, ଶଶିକାନ୍ତ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ୰ ଦୁଲାଲ୍ ଚାନ୍ଦଙ୍କ ମୃତ୍ୟୁର ଅବହେଳାରେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧେ ତଦନ୍ତ କରିବାକୁ ଦୃଢ଼ ଦାବି କରାଯାଇଛି । ବିନା ଚିକିତ୍ସାରେ କାହାରିକୁ ମରିବାକୁ ଦିଆଯିବନାହିଁ ନ୍ୟାୟରେ ଆନ୍ଦୋଳନ ଅଧିକ ତୀବ୍ର ହେବ ବୋଲି ବକ୍ତାମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏହି ବୈଠକରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସୀତାରାମ ପ୍ରଧାନ, ଜିଲ୍ଲା କମିଟିର ନିରଞ୍ଜନ ପରିଡ଼ା, ପ୍ରସନ୍ନ ପାଢ଼ୀ, ସରସ୍ୱତୀ ପଣ୍ଡା, ଜ୍ୟୋତ୍ସ୍ନା ପାଣି, ଯୋଗେଶ ପ୍ରଧାନ, ଶ୍ରଦ୍ଧାଞ୍ଜଳି ରାୟ, ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଭାକର ସାହୁ, ଶ୍ୟାମସୁନ୍ଦର ଜେନା, ପ୍ରଭାକର ବେହେରା, ନବକୃଷ୍ଣ ପୋଥାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଇନ୍ତେକାମ୍ ଅଲ୍ଲୀ ଖାଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଗୋଟିଏ ଦିନରେ ୨୭୫୨ କରୋନା ଆକ୍ରାନ୍ତ ଚିହ୍ନଟ, ମୋଟ ମାମଲା ୮୪୨୩୧ କୁ ବୃଦ୍ଧି

ଭୁବନେଶ୍ୱର, ୨୫ ଅଗଷ୍ଟ - ରାଜ୍ୟରେ ଗୋଟିଏ ଦିନରେ ୨୭୫୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୪୨୩୧ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୭୫୨ ଜଣଙ୍କ ମଧ୍ୟରୁ ୧୭୦୮ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୦୪୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୪୨୩ ନୂଆ ମାମଲା ସାମନାକୁ ଆସିଛି । ସେହିପରି ଗଂଜାମ ଜିଲ୍ଲାରେ ୨୧୨ ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୨୩ , ବାଲେଶ୍ୱର ଜିଲ୍ଲାରେ ୧୨୯ ଜଣ, ବରଗଡ ଜିଲ୍ଲାରେ ୨୮, ଭଦ୍ରକ ଜିଲ୍ଲାରେ ୫୮, ବଲାଙ୍ଗିର ଜିଲ୍ଲାରେ ୧୪ .ବୌଦ୍ଧ ଜିଲ୍ଲାରେ ୧୧, କଟକ ଜିଲ୍ଲାରେ ୨୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୬, ଢେଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୬୦, ଜଗତସିଂହପୁର ଜିଲ୍ଲାରେ ୧୦୧, ଯାଜପୁର ଜିଲ୍ଲାରେ ୨୧୭. ଝାରସୁଗୁଡା ଜିଲ୍ଲାରେ ୧୫, କଳାହାଣ୍ଡି ଜିଲ୍ଲାରେ ୧୬. କନ୍ଧମାଳ ଜିଲ୍ଲାରେ ୯୫, କେନ୍ଦ୍ରାପଡା ଜିଲ୍ଲାରେ ୯୭ ,କେନ୍ଦୁଝର ଜିଲ୍ଲାରେ ୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ସେହିପରି କୋରାପୁଟ ଜିଲ୍ଲାରେ ୧୭୪ ଜଣ, ମାଲକାନଗିରି ଜିଲ୍ଲାରେ ୧୦୧ , ମୟୁରଭଂଜ ଜିଲ୍ଲାରେ ୧୩୭, ନବରଙ୍ଗପୁରରେ ୨୭, ନୟାଗଡ ଜିଲ୍ଲାରେ ୧୦୩, ନୂଆପଡା ଜିଲ୍ଲାରେ ୮, ପୁରୀ ଜିଲ୍ଲାରେ ୧୪୪, ରାୟଗଡା ଜିଲ୍ଲାରେ ୧୭୭, ସମ୍ବଲପୁର ଜିଲ୍ଲାରେ ୫୫ ,ସୋନପୁର ଜିଲ୍ଲାରେ ୧ ତଥା ସୁନ୍ଦରଗଡ ଜିଲ୍ଲାରେ ୪୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୫।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୧୭୯ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୬୫୨୮ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୬୬୯, ବାଲେଶ୍ୱର ଜିଲ୍ଲାରେ ୩୦୭୭, ବରଗଡ ଜିଲ୍ଲାରେ ୧୩୯୦, ଭଦ୍ରକ ଜିଲ୍ଲାରେ ୨୨୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୪୪୪ . ବୌ ଦ୍ଧ ଜିଲ୍ଲାରେ ୫୩୯, କଟକ ଜିଲ୍ଲାରେ ୬୧୬୮, ଦେବଗଡ ଜିଲ୍ଲାରେ ୧୫୯, ଢେଙ୍କାନାଳ ଜିଲ୍ଲାରେ ୧୨୨୯. ଗଜପତି ଜିଲ୍ଲାରେ ୨୭୧୪, ଜଗତସିଂହପୁର ଜିଲ୍ଲାରେ ୧୪୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୩୧୩୨, ଝାରସୁଗୁଡା ଜିଲ୍ଲାରେ ୮୪୬, କଳାହାଣ୍ଡି ଜିଲ୍ଲାରେ ୧୧୩୨, କନ୍ଧମାଳ ୧୯୬୫, କେନ୍ଦ୍ରାପଡା ଜିଲ୍ଲାରେ ୧୩୦୯, କେନ୍ଦୁଝର ଜିଲ୍ଲାରେ ୧୫୧୯, ଖୋର୍ଦ୍ଧା ଜିଲ୍ଲାରେ ୧୨୭୯୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୨୮୯୪ , ମାଲକାନଗିରି ଜିଲ୍ଲାରେ ୧୯୫୯, ମୟୁରଭଂଜ ଜିଲ୍ଲାରେ ୨୪୧୪. ନବରଙ୍ଗପୁର ଜିଲ୍ଲାରେ ୮୫୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୨୩୯୦, ନୂଆପଡା ଜିଲ୍ଲାରେ ୩୨୫ , ପୁରୀ ଜିଲ୍ଲାରେ ୨୮୨୧, ରାୟଗଡା ଜିଲ୍ଲାରେ ୩୪୨୦. ସମ୍ବଲପୁର ଜିଲ୍ଲାରେ ୨୧୬୩. ସୁବର୍ଣ୍ଣପୁର ଜିଲ୍ଲାରେ ୫୨୮ ଓ ସୁନ୍ଦରଗଡ ଜିଲ୍ଲାରେ ୩୯୩୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୦,୯୭୫ ନୂଆ ମାମଲା: ୮୩୬ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୫।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୬୦,୯୭୫ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୪୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୧,୬୭,୩୨୪ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୨୪,୦୪,୫୮୫ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତମାନ ସୁଦ୍ଧା ୫୮୩୯୦ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଦିନକରେ ଚିହ୍ନଟ ୧୨୯ କରୋନା ପଜିଟିଭ୍ : ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୩୦୭୭କୁ ବୃଦ୍ଧି

ବାଲେଶ୍ୱର,୨୫।୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୭୭ରେ ପହଞ୍ଚିଛି । ଅଦ୍ୟାବଧି ୨୦୬୩ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୦୦୦ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ଆଜି ଜଣେ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୯ରେ ପହଞ୍ଚିଛି । ଆଜି ଜିଲ୍ଲାରେ ଚିହ୍ନଟ ୧୨୯ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ସେମାନଙ୍କ ମଧ୍ୟରୁ କେବଳ ବାଲେଶ୍ୱର ପୌରାଞ୍ଚଳରେ ୩୬ ଜଣ ଥିବା ଜଣାପଡ଼ିଛି । ବଢୁଥିବା ସଂକ୍ରମଣ ହାରକୁ ନେଇ ସହରବାସୀଙ୍କ ମଧ୍ୟ୍ୟରେ ଆଲୋଡ଼ନ ଦେଖାଦେଇଛି । ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଅନ୍ୟାନ୍ୟ ରୋଗରେ ଆସିଥିବା ରୋଗୀଙ୍କୁ ଡାକ୍ତରମାନେ ଠିକ୍ ଭାବେ ଚିକିତ୍ସା କରୁନଥିବା ଅଭିଯୋଗ ହେଉଥିବା ବେଳେ କୋଭିଡ୍ ଡାକ୍ତରଖାନାରେ ମଧ୍ୟ କରୋନା ପଜିଟିଭଙ୍କୁ ଉଚିତ ସେବା ମିଳୁନି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏମିତିକି ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇଯିବା ପରି ଜଣାପଡୁଛି ।

## ବାଲେଶ୍ୱର ପିଡ଼ି ଭାବେ ରବୀନ୍ଦ୍ର ସାହୁଙ୍କ ଯୋଗଦାନ



ବାଲେଶ୍ୱର,୨୫।୮ (): ବାଲେଶ୍ୱର ଜିଲ୍ଲ ଗ୍ରାମ୍ୟ ସଂସ୍ଥା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ (ଡିଆରଡିଏ ପିଡ଼ି)ଭାବେ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଛନ୍ତି । ସୋମବାର ଦିନ ଅପରାହ୍ଣରେ ସେ ବିଧିବଦ୍ଧ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀ ସାହୁ କେଉଁଝର ଜିଲା ଆନନ୍ଦପୁରର ଉପ ଜିଲାପାଳ ଭାବେ ଦୁଇ ବର୍ଷ ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ଘର ଯାଜପୁର ଜିଲାରେ । ପିଡ଼ି ଭାବେ ଯୋଗ ଦେବା ପରେ ଜିଲାର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଜିଲାର ସବୁ ବିଭାଗ ସହିତ ସମନ୍ୱୟ ରକ୍ଷା କରିବା ସହିତ ଜିଲା କେମିତି ଆଗକୁ ଯିବ, ସେ ନେଇ କାର୍ଯ୍ୟ କରିବେ ବୋଲି ଶ୍ରୀ ସାହୁ କହିଛନ୍ତି ।

## ଅବକାରୀ ବିଭାଗର ବ୍ୟାପକ ଚଢାଉ

# ବିପୁଳ ପରିମାଣର ମହୁଲପୋଚ ନଷ୍ଟ , ମଦରନ୍ଧା ସାମଗ୍ରୀ ଜବତ : ଜଣେ ଗିରଫ



ବାରିପଦା,୨୫।୮ (ନି.ପ୍ର): ଗତ ଅଗଷ୍ଟ ୨୩ ତାରିଖଦିନ ମୟୂରଭ ଜିଲ୍ଲା ଅନ୍ତର୍ଗତ କରିଆ ଅବକାରୀ ଥାନା ପକ୍ଷରୁ ପାଟବିଲ ପଂଚାୟତର କଳାକାଦ ଓ ଗୋପାଳପୁର ଗ୍ରାମର ମାଜିଷ୍ଟ୍ରେଟ ଦାୟୀତ୍ୱରେ କରିଆ ତହସିଲଦାର ଶ୍ରୀ ତାପସ ରନ ଦେହୁରୀ ଙ୍କ ଉପସ୍ଥିତିରେ ୬ ଗୋଟି ସ୍ଥାନରେ ମିଳିତ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ ନଷ୍ଟ କରାଯାଇଥିବା ବେଳେ ବହୁ ମଦରନ୍ଧା ସାମଗ୍ରୀ ଜବତ କରା ଯାଇଥିବାର ଜଣାପଡିଛି । ଅବକାରୀ ଥାନା ଅଧିକାରୀ ଶ୍ରୀ କ୍ଷିତିଶ୍ ଦାସ ଙ୍କ ନେତୃତ୍ୱରେ ଓ ଅବକାରୀ ଇନ୍ସପେକ୍ଟର ଶ୍ରୀ ଶ୍ରୀଧର ହେମ୍ବ୍ରମଙ୍କ ସହଯୋଗରେ ଆଜି ୨୪ ତାରିଖଦିନ ଯଶିପୁର ବ୍ଲକ୍ ଅଂଚଳର ଅନୁକୁଳପୁର, କଳାପଥର ଓ ବେଲ୍‌ଦି ଗ୍ରାମରେ ଚଢାଉ କରାଯାଇ ୧୭୦ ଲିଟର ଦେଶୀମଦ ଓ ୫,୭୦୦ କିଗ୍ରା ମହୁଲପୋଚ ଜବତ କରାଯାଇଥିଲା ଏବଂ ଗୋଟିଏ ମୋଟର ଟ୍ୟୁବ୍ ରେ ୧୫ ଲିଟର ଦେଶୀମଦ ଚୋରା ଚାଲାଣ କରୁଥିବାବେଳେ ଅନୁକୁଳପୁର ଗ୍ରାମର ସନାତନ ମହାକୁଡ ଙ୍କୁ ଗିରଫ କରାଯାଇଥିବାର ଜଣାପଡିଛି । ଏହି ଚଢାଉରେ ଯଶିପୁର ଥାନା ଏସ.ଆଇ. ପାର୍ବତୀ ମଲ୍ଲିକ୍, ଯଶିପୁର ଅବକାରୀ ଏ.ଏସ.ଆଇ. ରଘୁନାଥ ମୁଣ୍ଡା ଲୋହାର, ଏ.ପି.ଆର.ଫୋର୍ସ ଓ ଅବକାରୀ ବିଭାଗୀୟ କର୍ମଚାରୀ ମାନେ ସାମିଲ ଥିବାର ପ୍ରକାଶ ।

## ଗୋଟିଏ ଦିନରେ ସୁସ୍ଥ ହେଲେ ୨୫୪୬ କରୋନା ଆକ୍ରାନ୍ତ

ଭୁବନେଶ୍ୱର, ୨୫ ଅଗଷ୍ଟ - ରାଜ୍ୟର ୨୯ଟି ଜିଲ୍ଲାରୁ ମଙ୍ଗଳବାର ଦିନ ରେକର୍ଡ ସଂଖ୍ୟକ ୨୫୪୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ନୂଆ ସୁସ୍ଥଙ୍କୁ ମିଶାଇଲେ ଏଯାବତ୍ ରାଜ୍ୟରୁ ୫୯,୪୭୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ କରି ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୨୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାରୁ ୨୬୬ଜଣ, ନୟାଗଡ଼ ଜିଲ୍ଲାରୁ ୧୪୩ଜଣ, ପୁରୀ ଜିଲ୍ଲାରୁ ୧୪୧ଜଣ, ରାୟଗଡ଼ା ଜିଲ୍ଲାରୁ ୧୧୨ଜଣ, କୋରାପୁଟ ଜିଲ୍ଲାରୁ ୧୦୪ଜଣ, ଭଦ୍ରକ ଜିଲ୍ଲାରୁ ୯୯ଜଣ, କଟକ ଜିଲ୍ଲାରୁ ୯୮ଜଣ, ବୌଦ୍ଧ ଜିଲ୍ଲାରୁ ୮୭ଜଣ, ମାଲକାନଗିରି ଜିଲ୍ଲାରୁ ୭୬ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୪ଜଣ, କନ୍ଧମାଳ ଜିଲ୍ଲାରୁ ୭୩ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୭୩ଜଣ, କଳାହାଣ୍ଡି ଜିଲ୍ଲାରୁ ୭୨ଜଣ ସୁସ୍ଥ ହୋଇଛନ୍ତି । ସେହିପରି ମୟୁରଭଞ୍ଜ ଜିଲ୍ଲାରୁ ୭୦ଜଣ, ବାଲେଶ୍ୱର ଜିଲ୍ଲାରୁ ୬୩ଜଣ, ନବରଙ୍ଗପୁର ଜିଲ୍ଲାରୁ ୪୪ଜଣ, ଗଜପତି ଜିଲ୍ଲାରୁ ୪୨ଜଣ, ଯାଜପୁର ଜିଲ୍ଲାରୁ ୪୦ଜଣ, କେନ୍ଦୁଝର ଜିଲ୍ଲାରୁ ୩୭ଜଣ, ଅନୁଗୁଳ ଜିଲ୍ଲାରୁ ୩୨ଜଣ,ଜଗତସିଂହପୁର ଜିଲ୍ଲାରୁ ୩୨ଜଣ, ସମ୍ବଲପୁର ଜିଲ୍ଲାରୁ ୩୨ଜଣ, ବରଗଡ଼ ଜିଲ୍ଲାରୁ ୨୯ଜଣ, ଢ଼େଙ୍କାନାଳ ଜିଲ୍ଲାରୁ ୨୦ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୨୦ଜଣ, ବଲାଙ୍ଗୀର ଜିଲ୍ଲାରୁ ୧୮ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧୭ଜଣ ଓ ଦେବଗଡ଼ ଜିଲ୍ଲାରୁ ୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

# ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ବାଲେଶ୍ୱର,୨୫।୮ (ନି.ପ୍ର): ଜିଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ବାଲେଶ୍ୱର ସହରର ପ୍ରମୁଖ ସ୍ଥାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି । ସ୍ୱର୍ଗତଃ ବାଜପେୟୀ ଦେଶର ବିକାଶର ସୂତ୍ରଧର ଥିଲେ । ସେ ସବୁବେଳେ ଯୁବ ସମାଜ ପାଇଁ ଉତ୍ସାହର କେନ୍ଦ୍ରବିନ୍ଦୁ ଥିଲେ । ତେଣୁ ତାଙ୍କର ପୂର୍ଣ୍ଣାବୟବ ମର୍ତ୍ତି ସ୍ଥାପନ ହେଲେ ଯୁବ ସମାଜ ପାଇଁ ଏହା ପ୍ରେରଣାର ଉତ୍ସ ହେବ । ଶ୍ରୀ ଷଡ଼ଙ୍ଗୀ ଦାବିପତ୍ର ଗ୍ରହଣ କରିବା ସହିତ ତ୍ୱରିତ ଏ ଦିଗରେ କାଯ୍ୟ କରିବେ ବୋଲି କହିଥିଲେ । ୨୫ ଡିସେମ୍ବର, ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପୂର୍ବରୁ ମୂର୍ତ୍ତି ସ୍ଥାପନ ପାଇଁ ଜିଲା ପ୍ରଶାସନ ସହ ଆଲୋଚନା ପରେ ଏ ଦିଗରେ ଉଦ୍ୟମ କରାଯିବ ବୋଲି ସେ କହିଥିଲେ । ଅନୁରୋଧ ପତ୍ର ପ୍ରଦାନ ବେଳେ ଯୁବ ମୋର୍ଚ୍ଚାର ଜିଲାର ସଭାପତି ସମର ଶଙ୍କର କାନୁନଗୋ, ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ନନ୍ଦ, ରାଜ୍ୟ ସଂଯୋଜକ ପ୍ରବୀଣ ଶଙ୍କର ଦାଶ, ଜିଲା ସାଧାରଣ ସମ୍ପାଦକ ଲୋକନାଥ ଭୂୟାଁ, ଜିଲା ଉପ ସଭାପତି ବିକାଶ ପାଢ଼ୀ, ଜିଲା କୋଷାଧକ୍ଷ ମନ୍ମଥ ଦାସ, ଅରୂପ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଅଙ୍ଗନୱାଡି ପ୍ରି-ସ୍କୁଲ ଶିଶୁଙ୍କୁ ମିଳିନାହିଁ ୨ ମାସର ଚାଉଳ : କରୋନାବେଳେ ଶୋଷଣ

ଜଳେଶ୍ୱର,୨୫।୮ (ନି.ପ୍ର): କରୋନାର ମହାମାରୀ ତାର କାୟାବିସ୍ତାର କରି ଚାଲିଥିବା ବେଳେ ଜଳେଶ୍ୱର ବ୍ଲକରେ ଅଙ୍ଗନୱାଡି କେନ୍ଦ୍ର ଗୁଡିକର ପ୍ରି-ସ୍କୁଲ ଶିଶୁ ମାନଙ୍କୁ ୨ ମାସର ଚାଉଳ ମିଳିନଥିବା ଅଭିଯୋଗ ହୋଇଛି । ଫଳରେ ଘରେରହିଥିବା ଏହି ପିଲାମାନେ ଖାଦ୍ୟରୁ ବଂଚିତ ହୋଇଛନ୍ତି ଓ ଏ ଚାଉଳ କାହା ନିର୍ଦ୍ଦେଶରେ ଦିଆଯାଇନାହିଁ ବୋଲି ଏ ସମ୍ପର୍କରେ ଖୋଳତାଡ ହେବା ଆବଶ୍ୟକ । କରୋନ ସମୟରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଅଂଗନୱାଡି କେନ୍ଦ୍ର ଗୁଡିକ ବନ୍ଦ ରହିଛି । କିନ୍ତୁ ଅଙ୍ଗନୱାଡି କର୍ମୀ ଶିଶୁ ମାନଙ୍କ ଘରକୁ ଯାଇ ହଟ୍ କୁକ୍ ଓ ଚାଉଳ ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଜୁଲାଇ ଓ ଅଗଷ୍ଟ ମାସର ଚାଉଳ ଶିଶୁ ମାନଙ୍କ ପାଖରେ ପହଞ୍ଚି ନଥିବା ଜଣାଯାଇଛି । ଏକ ସମୀକ୍ଷାରୁ ପ୍ରକାଶ, ଜଳେଶ୍ୱର ବ୍ଲକରେ ୩୩୭ ଓ ପୌରପାଳିକାରେ ୪୩ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । ଏହି କେନ୍ଦ୍ର ଗୁଡିକରେ ୪୨୩୯ ଝିଅ ଓ ୪୪୨୯ ପୁଅ ଏପରି ମୋଟ ୮୬୬୮ ଶିଶୁ ରହିଛନ୍ତି । ନିୟମ ଅନୁଯାୟୀ ବର୍ଷକୁ ୪ଥର ପ୍ରୀ-ସ୍କୁଲ ଶିଶୁ (୩ ରୁ ୬ବର୍ଷ) ମାନଙ୍କ ପାଇଁ ୮୦ ଗ୍ରାମ ଲେଖାଏଁ ମାସକୁ ୨୫ ଦିନର ୨ କିଲୋ ଚାଉଳ ବଣ୍ଟନ କରାଯାଇଥାଏ । ଏହା ଦିଆଯାଇନଥିବାରୁ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଗରିବ ପିଲାମାନେ ଚାଉଳ ପାଇବାରୁ ବଂଚିତ ହୋଇଥିବାରୁ ହଇରାଣ ହରକତ ହେଉଛନ୍ତି । ଏ ସଂପର୍କରେ ଜଳେଶ୍ୱର ସିଡିପିଓ ଦୀପ୍ତିମୟୀ ପୋଥାଳଙ୍କ ମତାମତ ଲୋଡିବାରୁ ସେ କହିଲେ ଚଳିତବର୍ଷ ଜାନୁଆରୀ ଓ ଏପ୍ରିଲ ମାସରେ ପାଇବାକୁ ଥିବା ଚାଉଳ କିନ୍ତି ଦିଆଯାଇଥିବା ବେଳେ ଜୁଲାଇ ମାସରେ ମିଳିବାକୁ ଥିବା ଚାଉଳ ଜିଲା ଅଫିସ୍‌ରୁ ମିଳିନାହିଁ । ତଥାପି ଅଙ୍ଗନୱାଡି କେନ୍ଦ୍ରକୁ କୌଣସି ପ୍ରକାରେ ଚାଉଳ ଯୋଗାଇ ଦେବାକୁ ସେ ଅଙ୍ଗନୱାଡି କର୍ମୀ ମାନଙ୍କୁ କହିଛନ୍ତି । ଫଳରେ କେତେକ କେନ୍ଦ୍ର ଚାଉଳ ପାଇପାରିଥିବା ବେଳେ କେତେକ କେନ୍ଦ୍ର ପାଇପାରି ନାହିଁ । ଜିଲାରୁ ଏହି ଚାଉଳ ମିଳିଲେ ତାହା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo